RNI No.ODIODI/2010/33031
୧୬ ବର୍ଷ Volume- 16
ISSUE -245 ସଂଖ୍ୟା-୨୪୫
ଭୁବନେଶ୍ୱର, ଶନିବାର ୧୩ ଡିସେମ୍ବର ୨୦୨୫
Bhubaneswar, Saturday 13 December, 2025
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ୩୫ ଜଣଙ୍କୁ ନାଗରିକତା ପ୍ରମାଣପତ୍ର ପ୍ରଦାନ

**ଭୁବନେଶ୍ୱର,୧୨।୧୨(ନି.ପ୍ର):** ଆମ ପଡ଼ୋଶୀ ରାଷ୍ଟ୍ରମାନଙ୍କରେ ଧାର୍ମିକ ନିର୍ଯ୍ୟାତନାର ଶିକାର ହେଉଥିବା ସଂଖ୍ୟାଲଘୁ ମାନଙ୍କ ପାଇଁ ନାଗରିକତା (ସଂଶୋଧନ) ଆଇନ ୨୦୧୯ ହେଉଛି ପାପନାଶିନୀ ଓ ଦୁଃଖନାଶିନୀ ପବିତ୍ର ଗଙ୍ଗା ପରି । ଏହି ପବିତ୍ର ଆଇନ ବର୍ଷ ବର୍ଷ ଧରି ନିର୍ଯ୍ୟାତିତ ସଂଖ୍ୟାଲଘୁମାନଙ୍କ ପାଇଁ ଆଶା ଓ ଆଶ୍ୱାସନାର ମାର୍ଗ ପ୍ରଦାନ କରିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ନାଗରିକତା (ସଂଶୋଧନ) ଆଇନ ୨୦୧୯ ଅନୁଯାୟୀ ନାଗରିକତା ପ୍ରମାଣପତ୍ର ପ୍ରଦାନ ଅବସରରେ ଉଦ୍‌ବୋଧନ ଦେଇ କହିଛନ୍ତି ।

ସୂଚନାଯୋଗ୍ୟ ଯେ, ଭାରତ ସରକାରଙ୍କ ଗୃହ ମନ୍ତ୍ରାଳୟ ମାଧ୍ୟମରେ ନାଗରିକତା ସଂଶୋଧନ ଆଇନ ୨୦୧୯ ଅଧୀନରେ ଯୋଗ୍ୟ ଆବେଦନକାରୀଙ୍କୁ ଭାରତୀୟ ନାଗରିକତା ପ୍ରଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ୨୦୨୪ ମାର୍ଚ୍ଚ ୧୧ ରେ ବିଜ୍ଞାପିତ ହୋଇଥିବା ନିୟମାବଳୀ ଅନୁଯାୟୀ ବାଙ୍ଗଲାଦେଶ, ପାକିସ୍ତାନ ଓ ଆଫଗାନିସ୍ତାନରୁ ୨୦୧୪ ଡିସେମ୍ବର ୩୧ ମଧ୍ୟରେ ଭାରତକୁ ପ୍ରବେଶ କରିଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର ବ୍ୟକ୍ତିମାନେ ଭାରତୀୟ ନାଗରିକତା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଏହି ପ୍ରକ୍ରିୟାରେ ଆବେଦନ କରିଥିବା ଆବେଦନକାରୀଙ୍କ ମଧ୍ୟରୁ ଆଜି ନବରଙ୍ଗପୁର ଜିଲ୍ଲାର ୩୫ ଜଣ ଆବେଦକଙ୍କୁ ନାଗରିକତା ପ୍ରମାଣପତ୍ର ମୁଖ୍ୟମନ୍ତ୍ରୀ ପ୍ରଦାନ କରିଛନ୍ତି । ଭୁବନେଶ୍ୱର କୃଷି ଭବନ ପ୍ରେକ୍ଷାଳୟରେ ଓଡ଼ିଶାର ଜନଗଣନା ନିର୍ଦ୍ଦେଶାଳୟ ଏବଂ ଭାରତ ସରକାରଙ୍କ ଗୃହ ମନ୍ତ୍ରାଳୟର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ନାଗରିକତା ଗ୍ରହଣ କରିଥିବା ବ୍ୟକ୍ତିମାନଙ୍କୁ ସ୍ୱାଗତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆପଣମାନେ ଏବେ ଆମ ଭବିଷ୍ୟତର ଅଂଶବିଶେଷ । ଆପଣମାନଙ୍କ ସୁରକ୍ଷା, ସମ୍ମାନ ଓ ଉନ୍ନତି ଆମର ଦାୟିତ୍ୱ ଏବଂ କର୍ତ୍ତବ୍ୟ । ମୁଖ୍ୟମନ୍ତ୍ରୀ କହିଥିଲେ, 'ଆପଣମାନଙ୍କୁ ଭାରତର ନାଗରିକ ଭାବରେ ମୁଁ ସ୍ୱାଗତ



କରୁଛି' ।

ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ନାଗରିକତା ପ୍ରମାଣପତ୍ର ପ୍ରଦାନ ମାଧ୍ୟମରେ ଭାରତ ବର୍ଷର ସଦା ପରମ୍ପରାଗତ କରୁଣା, ମାନବତା ଓ ଆଶ୍ରୟଦାନର ମୂଲ୍ୟବୋଧ ପୁଣି ଥରେ ଉଜ୍ଜୀବୀତ ହୋଇଛି । ଯୁଗ ପରିବର୍ତ୍ତନର ସାରଥୀ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ହେଉଛନ୍ତି ଭାରତ ବର୍ଷରେ ଏହି ଆଇନ ପ୍ରଣୟନ ପ୍ରକ୍ରିୟାର ପ୍ରକୃତ ଭଗୀରଥ । ଏହା କାର୍ଯ୍ୟକାରୀ ହେବା ପଛରେ ସବୁଠାରୁ ବଳିଷ୍ଠ ଅବଦାନ ରହିଛି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କର ।

ଏହି ଆଇନର ଯଥାର୍ଥତା ବିଷୟରେ ମତ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ, ଅନ୍ୟ ଯେ କୌଣସି ଧର୍ମର ବ୍ୟକ୍ତି କୌଣସି ଦେଶରେ ନିର୍ଯ୍ୟାତିତ ହେଲେ ତାଙ୍କୁ ଆଶ୍ରୟ ଦେବା ପାଇଁ ପୃଥିବୀରେ ଅନେକ ଦେଶ ରହିଛି । କିନ୍ତୁ, ଅନ୍ୟ କୌଣସି ଦେଶରେ ହିନ୍ଦୁମାନେ ନିର୍ଯ୍ୟାତିତ ହେଲେ, ତାଙ୍କୁ ଆଶ୍ରୟ ଦେବା ପାଇଁ ଭାରତ ବ୍ୟତୀତ ଅନ୍ୟ କୌଣସି ଦେଶ ନାହିଁ । ତେଣୁ ଭାରତରେ ଏଭଳି ଆଇନ ହେବନାହିଁ ତ କେଉଁଠି ହେବ ବୋଲି ମୁଖ୍ୟମନ୍ତ୍ରୀ ପ୍ରଶ୍ନ କରିଥିଲେ । ଏହି ଅବସରରେ ନିଜର ମତବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ଦେଶରେ ସଂଖ୍ୟାଲଘୁ ମାନଙ୍କ ସ୍ୱର ହେବା ପାଇଁ ବ୍ୟାପକ ଶକ୍ତି ରହିଛି । କିନ୍ତୁ ଆମ ପଡ଼ୋଶୀ ରାଷ୍ଟ୍ରରେ ଅଳ୍ପସଂଖ୍ୟକ ମାନଙ୍କ ନିର୍ଯ୍ୟାତନା ଉପରେ ସେମାନେ ନୀରବ ରୁହନ୍ତି । ବର୍ତ୍ତମାନ ଏ ମାନସିକତାରେ ପରବର୍ତ୍ତନ ଆସୁଛି । ଧର୍ମନିରପେକ୍ଷତା ନାଁ ରେ ଯେପରି କେବଳ ଗୋଟିଏ ଧର୍ମକୁ ଆପ୍ୟାୟିତ କରାଯାଉଥିଲା ସେଥିରେ ବିରାମ ଲାଗିଛି । ଆଜି ଦେଶରେ ଧର୍ମୀୟ ଆଧାରରେ ଆଉ ବାଛ ବିଚାର ହେଉନାହିଁ । ଆଇନ ଆଖିରେ ସମସ୍ତେ ସମାନ। ସିଟିଜେନସିପ ଆମେଣ୍ଡମେଣ୍ଟ ଆକ୍ଟ ଏହି ସିଦ୍ଧାନ୍ତର ଏକ ସଫଳ ରୂପାୟନ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ ଯେ, ବାଙ୍ଗଲାଦେଶ ଓ ପାକିସ୍ତାନରେ ନିର୍ଯ୍ୟାତିତ ହେଉଥିବା ନାଗରିକମାନେ ମୂଳତଃ ଭାରତର ଅଧିବାସୀ ହୁଏତ ସେମାନଙ୍କ ପୂର୍ବ ପୁରୁଷ ଭାରତର ସ୍ୱାଧୀନତା ପାଇଁ ସଂଗ୍ରାମ କରିଥିବେ । ଏହି ସଂଖ୍ୟାଲଘୁମାନଙ୍କ ନିର୍ଯ୍ୟାତନାକୁ ଦୃଷ୍ଟିରେ ରଖି ଯଶସ୍ୱୀ ପ୍ରଧାନମନ୍ତ୍ରୀ ଉକ୍ତ ଆଇନ ସଂଶୋଧନର ପରିକଳ୍ପନା କରିଥିଲେ । ନୂଆକରି ନାଗରିକତା ପାଇଥିବା ନବରଙ୍ଗପୁର ଜିଲ୍ଲାର ବାସିନ୍ଦାଙ୍କୁ ଆଶ୍ୱାସନା ଦେଇ କହିଥିଲେ ଯେ, ଆପଣମାନଙ୍କୁ ନାଗରିକତା ପ୍ରମାଣପତ୍ର ମିଳିଲା । ଭାରତର ନାଗରିକ ଭାବେ ସମସ୍ତ ସୁବିଧା ସୁଯୋଗ ପାଇବେ, ଭୂମିହୀନଙ୍କୁ ଭୂମି ପ୍ରଦାନ କରାଯିବ ଏବଂ ଆବଶ୍ୟକସ୍ଥଳେ ଜାତି ପ୍ରମାଣପତ୍ର ମଧ୍ୟ ଯୋଗାଇ ଦିଆଯିବ ।ଆଇନ ଓ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ ଯେ, ଦେଶ ସ୍ୱାଧୀନତା ପରେ ନିଜ ଭିଟାମାଟିରେ ଶରଣାର୍ଥୀ ହୋଇ ରହିବା ଅତ୍ୟନ୍ତ କଷ୍ଟଦାୟକ । ଆଜି ଏହି ନାଗରିକତା ପ୍ରମାଣପତ୍ର ପ୍ରଦାନ ମାଧ୍ୟମରେ ଏଥିରୁ ସେମାନଙ୍କୁ ମୁକ୍ତି ମିଳିଛି । ଏ ଦିଗରେ ସଚେତନତା ବୃଦ୍ଧି କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ନୂଆକରି ନାଗରିକତ୍ୱ ପାଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ୧୯୯୮ରୁ ବାଙ୍ଗଲାଦେଶରୁ ଆସିଥିବା ବାପିନ ମିର୍ଦ୍ଧା କହିଥିଲେ ଯେ, ଏହି ନାଗରିକତା ପ୍ରମାଣପତ୍ର ଆମକୁ ଭିଟାମାଟିର ବାସିନ୍ଦା ଭାବେ ନୂଆ ପରିଚୟ ଦେଇଛି । ଏହା ମାଧ୍ୟମରେ ଆମର ବହୁଦିନର ସ୍ୱପ୍ନ ପୂରଣ ହୋଇଛି । ଆଜିର ଏହି ଦିବସ ଆମକୁ ଭାରତୀୟ ନାଗରିକତ୍ୱ ଦେଇ ଗର୍ବିତ କରିଛି । କାର୍ଯ୍ୟକ୍ରମରେ ଜନଗଣନା ନିର୍ଦ୍ଦେଶକ ଶ୍ରୀ ନିଖିଲ ପବନ କୁମାର ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏବଂ ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ହେମନ୍ତ କୁମାର ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

## ନୂଆ ତହସିଲ ଅଫିସ ଓ ସବ୍ ରେଜିଷ୍ଟର୍ ଅଫିସ୍ ଭିତ୍ତିପ୍ରସ୍ତର ସ୍ଥାପିତ

ଭୁବନେଶ୍ୱର/କଟକ, ୧୨।୧୨(ନି.ପ୍ର.): ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଟକ ସହର ଗସ୍ତରେ ଯାଇ କଟକର ସ୍ୱଶାଳ ସର୍କିଟ୍ ହାଉସ୍‌ର ନୂଆ ଆନେକ୍ସ ବିଲ୍‌ଡିଙ୍ଗ୍ ସମେତ ନୂଆ ତହସିଲ ଅଫିସ ଓ ସବ୍ ରେଜିଷ୍ଟର୍ ଅଫିସ୍ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

ସୂଚନା ଯୋଗ୍ୟଯେ ସ୍ୱଶାଳ ସର୍କିଟ୍ ହାଉସ୍ ବିଲ୍‌ଡିଙ୍ଗଟି ୫ ମହଲା ବିଶିଷ୍ଟ କରାଯିବ ଏବଂ ପ୍ରାୟ ୨୦,୧୭୫ ବର୍ଗ ମିଟର ଯାଗାରେ ଏହି ବିଲ୍‌ଡିଙ୍ଗ ପାଇଁ ୧୩ କୋଟି ୨୮ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ତହସିଲ ଅଫିସ ଓ ସବ୍ ରେଜିଷ୍ଟର୍ ଅଫିସ୍ ୪ ମହଲା ବିଶିଷ୍ଟ ଏହି ବିଲ୍‌ଡିଙ୍ଗଟି ପ୍ରାୟ ୩,୬୭୨ ବର୍ଗ ମିଟର ଅଞ୍ଚଳରେ ୧୮ କୋଟି ୮୦ ଲକ୍ଷ ଟଙ୍କା ବିନିଯୋଗରେ ନିର୍ମାଣ କରାଯିବ।

ଏହି ଅବସରରେ ଗଣମାଧ୍ୟମକୁ ବିବୃତି ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କଟକ ର ନୂତନ ତହସିଲ ଅଫିସ ଓ ସବ୍ ରେଜିଷ୍ଟର୍ ଅଫିସ୍‌ରେ ସମସ୍ତ ପ୍ରକାର ଆଧୁନିକ ସୁବିଧା ରହିବ । ଯେଉଁ ମାନେ ଜମିଜମା କାମରେ ତହସିଲ ଓ ସବ୍-ରେଜିଷ୍ଟର ଅଫିସକୁ ଆସିବେ, ସେମାନେ ସୁବିଧାରେ ସମସ୍ତ ସେବା ପାଇପାରିବେ। ଏହାଦ୍ୱାରା ଲୋକଙ୍କ ସମସ୍ୟା ଅଫିସରେ ସୁବିଧାରେ ସମାଧାନ ହୋଇପାରିବ, ସେମାନଙ୍କୁ ଆଉ ଉଚ୍ଚ ପଦାଧିକାରୀମାନଙ୍କ କାର୍ଯ୍ୟାଳୟକୁ ଦୌଡିବାକୁ ପଡିବ ନାହିଁ। ଆମର ମୂଳଲକ୍ଷ୍ୟ ହେଉଛି ସବୁ କ୍ଷେତ୍ରରେ ଲୋକଙ୍କୁ ସହଜରେ ଓ ସୁବିଧାରେ ବିଭିନ୍ନ ସରକାରୀ ସେବା ଯୋଗାଇଦେବା । ଏହାଦ୍ୱାରା ଲୋକଙ୍କ ଇଜ୍ ଅଫ୍ ଲିଭିଙ୍ଗ୍‌ରେ ଉନ୍ନତି ଆସିପାରିବ। ଏହିଲକ୍ଷ୍ୟ ହାସଲ ପାଇଁ ଆମର ଉଦ୍ୟମ ଜାରିରହିବ ।ଜମିଜମା ସଂକ୍ରାନ୍ତରେ ତହସିଲ ଅଫିସ ଗୁଡିକ ଏକ ଓ୍ୱାନ୍ ଷ୍ଟପ୍ ସଲ୍ୟୁସନ୍ ଭଳି କାମ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସେ ଆହୁରି କହିଥିଲେ ଯେ ରାଜ୍ୟର ସବୁ ତହସିଲରେ ସବ୍-ରେଜିଷ୍ଟ୍ରେସନ ଅଫିସ୍ ଖୋଲିବା ପାଇଁ ଆମ ସରକାର ନିଷ୍ପତ୍ତି ନେଇଛନ୍ତି। ନଭେମ୍ବର ୧ ତାରିଖରେ ୧୩ଟି ଜିଲ୍ଲାର ୪୪ଟି ତହସିଲରେ ନୂଆ ସବ୍-ରେଜିଷ୍ଟ୍ରେସନ କାର୍ଯ୍ୟାଳୟର ଉଦ୍‌ଘାଟନ କରାଯାଇଛି। ପ୍ରାୟ ୫୬ଟି ତହସିଲ ଛାଡି ସବୁ ତହସିଲ ସବ୍-ରେଜିଷ୍ଟ୍ରେସନ ଅଫିସ୍ ଖୋଲାଯାଇଛି। ଏଗୁଡିକ ମଧ୍ୟ ଖୁବଶୀଘ୍ର ଖୋଲାଯିବ ଲାଗିବ ଏବଂ ଏହାର ନୂଆ ଅଫିସ୍ ବିଲଡିଙ୍ଗ ମଧ୍ୟ କରାଯିବ। ଜମିଜମା ପଞ୍ଜୀକରଣ ଏବଂ ଅନ୍ୟାନ୍ୟ ବିଷୟ ନେଇ ଅଧିକାଂଶ ବ୍ୟବସ୍ଥାକୁ ଆମେ ଡିଜିଟାଲ ମାଧ୍ୟମରେ କରୁଛୁ ।ଟେକ୍ନୋଲୋଜି ବ୍ୟବହାର କରି ରାଜସ୍ୱ ସେବାକୁ ମଧ୍ୟସ୍ଥି ମୁକ୍ତ ଓ ଦୁର୍ନୀତି ଦୁର୍ନୀତି ମୁକ୍ତ କରାଯାଉଛି।

## ରାଜଧାନୀର ବାର୍‌ରେ ଭୟାବହ ଅଗ୍ନିକାଣ୍ଡ

### ନିଆଁକୁ ଆୟତ୍ତ କଲେ ଅଗ୍ନିଶମ କର୍ମଚାରୀ

ଭୁବନେଶ୍ୱର୧୨।୧୨:: ରାଜଧାନୀର ସତ୍ୟବିହାରରେ ଥିବା ଏକ ବାରରେ ଲାଗିଛି ନିଆଁ। ହୁତୁହୁତୁ ହୋଇ ଜଳୁଛି ବିଲ୍ଡିଂ। ସମଗ୍ର ଅଞ୍ଚଳ ଧୂଆଁମୟ। ଘଟଣାସ୍ଥଳରେ ଦୁଇଟି ଦମକଳ ବାହିନୀ ନିଆଁଲିଭା କାମରେ ନିୟୋଜିତ। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ।

ସୂଚନା ଅନୁଯାୟୀ ସକାଳ ୮ଟା ୫୦ ମିନିଟ୍ ସମୟରେ ସତ୍ୟବିହାରରେ ଥିବା ଏକ ବାର (ନୋ ଲିମିଟ୍)ରେ ଲାଗିଥିଲା ନିଆଁ। ବାରର ଉପରେ ଥିବା ଛାତରେ ନିଆଁ ଲାଗିଥିଲା। ଏହାପରେ ନିଆଁ ସମଗ୍ର ବିଲ୍ଡିଂକୁ ବ୍ୟାପିଥିଲା। ଖବର ପାଇ କାଳ ବିଳମ୍ବ ନ କରି ଦୁଇଟି ଦମକଳ ବାହିନୀ ନିଆଁଲିଭା କାମରେ ନିୟୋଜିତ ହୋଇଥିଲେ। ମୁଖ୍ୟ ଅଗ୍ନିଶମ ଅଧିକାରୀ ରମେଶ ମାଝୀଙ୍କ ସୂଚନା ଅନୁଯାୟୀ ନିଆଁକୁ ସଂପୂର୍ଣ୍ଣ ରୂପେ ଆୟତ୍ତ କରାଯାଇଛି। ଏଥିଲାଗି ପ୍ରାୟ ଘଣ୍ଟାଏ ସମୟ ଲାଗିଥିଲା। ତେବେ କ୍ଷୟକ୍ଷତିର ଆକଳନ କରାଯାଇନାହିଁ। ଏଣେ ଅଗ୍ନିକାଣ୍ଡର କାରଣ ଏଯାଏ ସାମ୍ନାକୁ ଆସିନାହିଁ। ତେଣେ ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ ବାରରେ ଅଗ୍ନିଶମ ବିଭାଗର ଲାଇସେନ୍ସ ନଥିଲା କି ନିୟମ ମାନୁ ନଥିଲେ ବାର୍ ମାଲିକ।

ଏଣେ ଉକ୍ତ ବାରରେ ହୁକ୍କା ବାର୍ ଚାଲୁଥିଲା। ତାହାର ପ୍ରମାଣ ମିଳିଛି। ତେଣେ ଏହି ବାର୍‌କୁ ଲାଇସେନ୍ସ ଦିଆଯାଇନଥିଲା ବୋଲି ଅବକାରୀ ବିଭାଗରୁ ସୂଚନା ଦିଆଯାଇଛି। କେମିତି ବେଆଇନ୍ ଭାବେ ଏହି ବାର୍ ଚାଲୁଥିଲା, ତାହାର ଖୋଳତାଡ ହେବା ଆବଶ୍ୟକ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି।

## ଇଣ୍ଡିଗୋ ଅଚଳାବସ୍ଥା ଘଟଣାରେ ୪ଜଣଙ୍କୁ ବହିଷ୍କାର କଲା ଡିଜିସିଏ

ନୂଆଦିଲ୍ଲୀ,୧୨।୧୨: ଇଣ୍ଡିଗୋ ବିମାନ ଅଚଳବସ୍ଥା ଘଟଣାରେ ଡିଜିସିଏ ଚାରି ଜଣ ପ୍ରମୁଖ ଫ୍ଲାଇଟ୍ ଅପରେସନ୍ସ ଇନ୍ସପେକ୍ଟରଙ୍କୁ ବହିଷ୍କାର କରିଛି । ଇଣ୍ଡିଗୋ ବିମାନ ଉଡାଣ କ୍ଷେତ୍ରରେ ଦେଶବ୍ୟାପୀ ବଡ଼ ଧରଣର ବାଧା ଦେଖା ଯାଇଥିଲା । ଅନେକ ଯାତ୍ରୀ ଏଥିପାଇଁ ହଇରାଣ ହୋଇଥିଲେ। ଘଟଣାର ତଦନ୍ତ କରି ଡିଜିସିଏ ୪ ଜଣଙ୍କୁ ବହିଷ୍କାର କରିଛି। ଡିଜିସିଏର ଅଫିସ୍ ଅର୍ଡର ଅନୁଯାୟୀ ବରିଷ୍ଠ କର୍ମଚାରୀ ରିଶ ରାଜ ଚାଟାର୍ଜୀ, ସୀମା ଝାମନାନି, ଅନିଲ କୁମାର ପୋଖରିଆଲ ଏବଂ ପ୍ରିୟମ କୌଶିକଙ୍କୁ ବହିଷ୍କାର କରିଛି । ଏହି ଚାରି ଜଣଙ୍କୁ ତୁରନ୍ତ ସେମାନଙ୍କର କାର୍ଯ୍ୟରୁ ବାହାରି ସେମାନଙ୍କ ମୂଳ ସଂଗଠନକୁ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ନିୟମ ଅନୁଯାୟୀ ଏମାନଙ୍କ ଆଭ୍ୟନ୍ତରୀଣ ବିଭାଗଗୁଡ଼ିକୁ ଆନୁଷ୍ଠାନିକ ଇମେଲ୍ ଆକାଉଣ୍ଟଗୁଡ଼ିକୁ ନିଷ୍କ୍ରିୟ କରିବା, ଇ-ଅଫିସ୍ ଆକ୍‌ସେସ୍ ପ୍ରତ୍ୟାହାର କରିବା ଏବଂ ଦେୟ ପ୍ରମାଣପତ୍ର ଦାଖଲ କରି ଦେୟ ପୂରଣ କରିବାକୁ ନିର୍ଦ୍ଦେଶ ଦେଇଛି।

## ଚାଷୀ ସମସ୍ୟାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କଲେ ଧର୍ମେନ୍ଦ୍ର

ଭୁବନେଶ୍ୱର୧୨।୧୨: : ରାଜ୍ୟରେ ଚଳିତ ଖରିଫ ଧନ ବିକ୍ରି କୁ ନେଇ ଚାଲିଥିବା ସମସ୍ୟା ସମ୍ପର୍କ ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ସବିଶେଷ ଆଲୋଚନା କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଚଳିତ ବର୍ଷ ଖରିଫ ଧନ ବିକ୍ରି କୁ ନେଇ ଚାଷୀ ସଙ୍ଗଠନ ପକ୍ଷରୁ ଗତ କିଛି ଦିନ ପୂର୍ବରୁ ଆନ୍‌ଦୋଳନ କରାଯାଇଥିଲା । ଚାଷୀ, ପ୍ରଶାସନ ଓ ମିଲର୍ସଙ୍କ ମଧ୍ୟ ରେ ଆଲୋଚନା ପରେ ଧନ ବିକ୍ରି ଆରମ୍ଭ ହୋଇ ସୁଚାରୁ ରୂପେ ଚାଲିଥିଲା। ଆଜି ପୁଣି ଟୋକାନ ସମସ୍ୟା କୁ ନେଇ ଚାଷୀ ରାଜ ରାସ୍ତାକୁ ଓହ୍ଲାଇଛନ୍ତି ।

ଆନ୍‌ଦୋଳନ ସମ୍ପର୍କରେ ସୂଚନା ପାଇବା ପରେ ସମ୍ବଲପୁର ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଫୋନ ଯୋଗେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କ ସହିତ ସମସ୍ତ ବିଷୟ ରେ ଆଲୋଚନା କରିଛନ୍ତି ଓ ସମସ୍ତ ସମସ୍ୟା ର ଶୀଘ୍ର ସମାଧାନ ପାଇଁ ପରାମର୍ଶ ଦେଇଛନ୍ତି ବୋଲି



ବିଜେପି କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି ଗଣମାଧ୍ୟମ କୁ ସୂଚନା ଦେଇଛନ୍ତି ।ସୂଚନା ଅନୁସାରେ, ଏହା ପୂର୍ବ ରୁ ଓଡ଼ିଶାରେ ଖରିଫ ଋତୁ ଓ ରବି ଋତୁ ପାଇଁ ଏଫ.ସି.ଆଇ ଦ୍ୱାରା ନିର୍ଦ୍ଧାରିତ ଲକ୍ଷ୍ୟ ଠାରୁ ଅଧିକ ଉଷୁନା ଧାନ କିଣିବା ସହ ଚାଉଳର ଶୀଘ୍ର ଉଠାଣ ପାଇଁ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରହଲ୍ଲାଦ ଯୋଶୀ ଙ୍କୁ ସାକ୍ଷାତ୍ କରି ଅନୁରୋଧ କରିଥିଲେ ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ ।

କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ ଙ୍କ ଅନୁରୋଧ କ୍ରମେ, ଓଡ଼ିଶାର ଚାଷୀ ଭାଇ ଭଉଣୀଙ୍କ ସ୍ୱାର୍ଥକୁ ରକ୍ଷା କରି ଖରିଫ ଫସଲ ପାଇଁ ଧାନ କିଣିବା ଲକ୍ଷ୍ୟକୁ ୪୦ ଲକ୍ଷ ମେଟ୍ରିକ୍ ଟନରୁ ବୃଦ୍ଧି କରି ୪୭ ଲକ୍ଷ ମେଟ୍ରିକ୍ ଟନ୍ କରାଯାଇଛି । ସେହିପରି ରବି ଫସଲ ପାଇଁ ଏହି ଲକ୍ଷ୍ୟକୁ ୧୦ ଲକ୍ଷ ମେଟ୍ରିକ୍ ଟନରୁ ବୃଦ୍ଧି କରି ୧୧ ଲକ୍ଷ ମେଟ୍ରିକ୍ ଟନ୍ କରିବା ପାଇଁ ନିଷ୍ପତି ନିଆଯାଇଛି । ଏହା ସହ ଧାନ କିଣା ଲକ୍ଷ୍ୟରେ ୮ ଲକ୍ଷ ମେଟ୍ରିକ୍ ଟନ୍ ବୃଦ୍ଧି ତଥା ମୋଟ ୫୮ ଲକ୍ଷ ମେଟ୍ରିକ୍ ଟନ୍ ଧାନ କିଣିବା ନିଷ୍ପତ୍ତି ନିଆଯାଇଥିଲା।

## ଆତ୍ମସମର୍ପଣ କଲେ ୬ ମହିଳା କ୍ୟାଡର ସମେତ ୧୦ ମାଓବାଦୀ

ମାଲକାନଗିରି,୧୨।୧୨: ମାଓଦୁର୍ଗ ଭୁଶୁଡିବାରେ ଲାଗିଛି। ସଂଗଠନର ବଡବଡ ନେତା ନିପାତ ହେଉ ଅଥବା ସୁରକ୍ଷା ବାହିନୀର ସର୍ଚ୍ଚ ଅପରେସନ ହେଉ କିମ୍ବା ସରକାରଙ୍କ ବିକଶିତ ଯୋଜନାର ପ୍ରଭାବ ହେଉ, ମାଓବାଦୀମାନେ ଆଉ



ପୂର୍ବ ଭଳି ଶକ୍ତିଶାଳୀ ହୋଇ ରହିନାହାନ୍ତି। ସରକାରଙ୍କ ନିର୍ଦ୍ଦେଶରେ ସୁରକ୍ଷାବାହିନୀର ଜୋରଦାର କମ୍ବିଂ ଅପରେସନରେ ଲାଲବାହିନୀ ଦୁର୍ବଳ ହେବାରେ ଲାଗିଛନ୍ତି। ଏହି କ୍ରମରେ ପୁଣି ଜଣ ମାଓବାଦୀ ଅସ୍ତ୍ର ପରିତ୍ୟାଗ କରି ମୁଖ୍ୟ ସ୍ରୋତରେ ସାମିଲ ହୋଇଛନ୍ତି।

ମାଲକାନଗିରି ଜିଲ୍ଲା ଛତିଶଗଡର ସୁକମା ପୁଲିସ ନିକଟରେ ଆଜି ସକାଳେ ୧୦ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରେ ୬ ଜଣ ମହିଳା ମାଓବାଦୀ ରହିଛନ୍ତି। ଆଜି ସକାଳେ ସୁକମା ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଏସପି କିରଣ ଚୌହାନଙ୍କ ସମ୍ମୁଖରେ ଏମାନେ ନିଜ ନିଜ ହତିଆର ସହ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମୁଣ୍ଡରେ ୩୩ ଲକ୍ଷ ଟଂକାର ପୁରସ୍କାର ରହିଥିବା ପୁଲିସ କହିଛି। ଏମାନଙ୍କ ମଧ୍ୟରେ ପିଏଲଜିଏ ପ୍ଲାଟୁନ ନମ୍ବର ୧ର କମାଣ୍ଡର, ଦରଭା ଡିଭିଜନର ଦୁଇ ଜଣ ଏସିଏମ, ପିଏଲଜିଏ ବାଟାଲିୟନର ଦୁଇ ଜଣ ପିପିସିଏମ, ଗୋଲାପାଲି ଏରିଆ କମିଟିର ଦୁଇ ପାର୍ଟି ମେମ୍ବର, ୩ଅନ୍ୟ ପାର୍ଟି ମେମ୍ବର ବୋଲି ଜଣାପଡିଛି। ସରକାରଙ୍କର ପୁନର୍ବାସ ନୀତିରେ ପ୍ରଭାବିତ ହୋଇ ଆତ୍ମସମର୍ପଣ କରିଥିବା କହିଛନ୍ତି। ଗତ ୧୧ ମାସରେ ବସ୍ତର ରେଞ୍ଜରେ ମୋଟ ୧୫୧୪ ଜଣ ମାଓବାଦୀ ଆତ୍ମସମର୍ପଣ କରିସାରିଲେଣି। ଆତ୍ମସମର୍ପଣ କରିଥିବା ସମସ୍ତ ନକ୍ସଲଙ୍କୁ ୫୦ ହଜାର ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଏଥିସହ ଆଗାମୀ ଦିନରେ ତାଲିମ ପ୍ରଦାନ କରାଯାଇ ଆତ୍ମନିର୍ଭରଶୀଳ କରାଯିବ ବୋଲି ପୁଲିସ କହିଛି। ଏମାନଙ୍କ ଆତ୍ମସମର୍ପଣ ପରେ ଦରଭା ଡିଭିଜନ ଏକ ପ୍ରକାର ଭାଙ୍ଗି ଗଲା କହିଲେ ଅତ୍ୟୁକ୍ତି ହେବ ନାହିଁ।

## ମୁଖ୍ୟମନ୍ତ୍ରୀଙ୍କୁ ମାଲକାନଗିରି ରିପୋର୍ଟ ଦେଲେ ଉପମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର୧୨।୧୨: : ମାଲକାନଗିରି ଜିଲ୍ଲା ସ୍ଥିତି ପରଖିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ରିପୋର୍ଟ ପ୍ରଦାନ କରାଯାଇଛି । ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ପଶୁ ଓ ମତ୍ସ୍ୟ ସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ରିପୋର୍ଟ ଦେଇଛନ୍ତି ।

ସେପଟେ ଏମଭି ୨୬ ଗ୍ରାମରେ ପ୍ରଶାସନ ପକ୍ଷରୁ କ୍ଷୟକ୍ଷତିର ଆକଳନ କରାଯାଉଛି । ପ୍ରାଥମିକ ରିପୋର୍ଟରେ ୩ କୋଟି ୪୦ ଲକ୍ଷ ଟଙ୍କାର କ୍ଷୟକ୍ଷତି ହୋଇଥିବା କୁହାଯାଉଛି । ଏଥିରେ ପୋଡ଼ି ଯାଇଥିବା ଘରଗୁଡ଼ିକୁ ସାମିଲ କରାଯାଇ ନାହିଁ । ଚାରୋଟି ଇଞ୍ଜିନିୟରିଂ ଟିମ୍ ଆକଳନ କରୁଛନ୍ତି । ମୋଟ ୨୪୦ ଘର ଏବଂ ଦୋକାନ ଜଳି ପୋଡ଼ି ପାଉଁଶ ହୋଇଯାଇଛି । ପ୍ରଶାସନ ପକ୍ଷରୁ ଲୋକ ମାନଙ୍କୁ ରନ୍ଧା ଖାଦ୍ୟ, କମ୍ବଳ ଓ ଚାଦର ବଣ୍ଟନ କରାଯାଉଛି । ଗର୍ଭବତୀ ମହିଳା ଏବଂ ଶିଶୁଙ୍କୁ ଆଇସିଡିଏସ ପକ୍ଷରୁ ଖାଦ୍ୟ ସାମଗ୍ରୀ ଦିଆଯାଉଛି ।

ଗତକାଲି ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମାଲକାନଗିରି ପହଁଚି ସ୍ଥିତି ସମୀକ୍ଷା କରିଥିଲେ । ଏଡିଜି ସଞ୍ଜୀବ ପଣ୍ଡା, ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି କେଭି ସିଂ, ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଏବଂ ଏସପି ବିନୋଦ ପାଟିଲ୍ ଏଚ୍. ପ୍ରମୁଖଙ୍କ ସହିତ ଆଇନ ଶୃଙ୍ଖଳା ପରିସ୍ଥିତି ଏବଂ କ୍ଷୟକ୍ଷତି ନେଇ ଆଲୋଚନା କରାଯାଇଥିଲା । ଭାଗ ଚାଷକୁ ନେଇ ମହିଳାଙ୍କୁ ହତ୍ୟା କରାଯିବା ପରେ ଏମଭି ୨୬ ଏବଂ ରାଖେଲଗୁଡ଼ା ଗ୍ରାମ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା ।

ମାଲକାନଗିରି ଜିଲ୍ଲା ଏମଭି-୨୬ ଗାଁକୁ ଫେରିଛି ଶାନ୍ତି। ଗୁରୁବାର ରାତିରେ ଗାଁରେ ପହଞ୍ଚି ସ୍ଥିତି ସମୀକ୍ଷା କଲେ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ର। ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ସମସ୍ତ ପଦକ୍ଷେପ ବିଷୟରେ ଆରଡିସିଙ୍କୁ ଅବଗତ କରାଇଛନ୍ତି। ଆରଡିସି ଏବଂ ଜିଲ୍ଲାପାଳ ଏମଭି-୨୬ର ପୀଡ଼ିତମାନଙ୍କ ସହ ଆଲୋଚନା କରିଛନ୍ତି। ପରିସ୍ଥିତି ସମ୍ପୂର୍ଣ୍ଣ ରୂପେ ସ୍ୱାଭାବିକ ହୋଇଯିବ ବୋଲି ଆରଡିସି ଗ୍ରାମବାସୀଙ୍କୁ ଆଶ୍ୱାସନା ଦେଇଛନ୍ତି। ଜିଲ୍ଲାପାଳ ଯେଉଁଭଳି ଭାବେ ଏହି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହ ତଦାରଖ କରିଛନ୍ତି ତାହା ପ୍ରଶଂସନୀୟ ବୋଲି ଆରଡିସି କହିଛନ୍ତି। ଆରଡିସି କହିଛନ୍ତି ଯେ, ଏପରି ସ୍ଥିତିରେ ରାତିରେ ସମଗ୍ର ପ୍ରଶାସନ ଉପସ୍ଥିତ ରହି ଥଇଥାନ ବ୍ୟବସ୍ଥାକୁ ଯେଉଁଭଳି ଯତ୍ନ ସହକାରେ ତଦାରଖ କରୁଛନ୍ତି ତାହା ଏକ ବିରାଟ ଉପଲବ୍ଧି।

## କେନ୍ଦ୍ରୀୟ ନେତାଙ୍କ ଦ୍ୱାରା ହେବ ସମାଧାନ

ଭୁବନେଶ୍ୱର୧୨।୧୨: : ମହମ୍ମଦ ମୋକିମ କଂଗ୍ରେସ ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଚିଠି ଲେଖିବା ପରେ କଂଗ୍ରେସରେ କମ୍ପନ ସୃଷ୍ଟି ହୋଇଛି । ଅନେକ ନେତା ମୁହଁ ଖୋଲୁ ନ ଥିବାବେଳେ ମାତ୍ର କେଇ ଜଣ ବରିଷ୍ଠ ନେତା ପ୍ରତିକ୍ରିୟା ରଖୁଛନ୍ତି । ତେବେ ଓଡ଼ିଶାର ବିବାଦ ଦିଲ୍ଲୀରେ ସମାଧାନ ହେବ ବୋଲି କହିଛନ୍ତି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ।



ମୋକିମଙ୍କ ଚିଠି ପ୍ରସଙ୍ଗରେ ରାମଚନ୍ଦ୍ର କାଡ଼ାମ ପ୍ରତିକ୍ରିୟା ରଖି କହିଛନ୍ତି ଯେ ଓଡ଼ିଶା ବିବାଦ ଦିଲ୍ଲୀରେ ସମାଧାନ କରାଯିବ । ଓଡ଼ିଶା କଂଗ୍ରେସରେ ଯେଉଁ ବିବାଦ ସୃଷ୍ଟି ହୋଇଛି ସେ ନେଇ ଦିଲ୍ଲୀ ନେତାଙ୍କ ସହ ଆଲୋଚନା ହେବ । ଏଥିରେ କେନ୍ଦ୍ରୀୟ ନେତା ହସ୍ତକ୍ଷେପ କରିବେ । ଓଡ଼ିଶାରେ କଂଗ୍ରେସ ପାଇଁ ଅନେକ ସୁଯୋଗ ଅଛି । ବିବାଦର ସମାଧାନ ହୋଇ କିଭଳି ସଂଗଠିତ ହୋଇ କାମ କରାଯିବ ସେ ନେଇ ଆଲୋଚନା ହେବ ବୋଲି କହିଛନ୍ତି।

ମହମ୍ମଦ ମୋକିମ ସୋନିଆ ଗାନ୍ଧୀଙ୍କୁ ଚିଠି ଲେଖି ସେ ଅସନ୍ତୋଷ ଝାଡିଛନ୍ତି । ୩ଥର ଲୋକସଭା ନିର୍ବାଚନ ହାରିଥିବା ଭକ୍ତଙ୍କୁ ୨୦୨୫ରେ ଦଳର ନେତୃତ୍ୱ ମିଳିଛି । ତାଙ୍କର ବ୍ୟକ୍ତିଗତ ବିଚାରଧାରା ଆମଠାରୁ ପୁରା ଅଲଗା। ଜୟପ୍ରକାଶଙ୍କ ଆନ୍‌ଦୋଳନ ବେଳେ ସେ ଗାନ୍ଧୀ ପରିବାରକୁ ସମାଲୋଚନା କରିଥିଲେ । ସେ ଓ ତାଙ୍କ ପୁଅ ରାଜ୍ୟ ବିଭାଜନକାରୀ ନେତା । ନୂଆପଡ଼ା ଉପନିର୍ବାଚନରେ କଂଗ୍ରେସ ତାଙ୍କ ନେତୃତ୍ୱରେ ୮୩ ହଜାର ଭୋଟ୍ ?ରେ ହାରିଛି। ନୂଆପଡ଼ା ତାଙ୍କ ସଂସଦୀୟ କ୍ଷେତ୍ର ହୋଇଥିଲେ ବି ପ୍ରଦର୍ଶନ ନିରାଶଜନକ ହୋଇଛି । ନିଜ ସଂସଦୀୟ କ୍ଷେତ୍ର ବିଶ୍ୱାସ କରୁନି, କର୍ମୀ ବିଶ୍ୱାସ ନକରିବା ସ୍ୱାଭାବିକ ବୋଲି ମୋକିମ ଅନେକ ଅଭିଯୋଗ ଆଣିଛନ୍ତି ।

## ଡାହୁକ



ଯେତେ ହୋଇଲେ ବି କାକୁତି ମିନତି
ନ ବୁଝି ସର୍କାର କଥା
ବାରମ୍ବାର ଦେଇ ମିଠା ପ୍ରତିଶ୍ରୁତି
କାଟିବାରେ ବ୍ୟସ୍ତ ଚିତା
ଶିକ୍ଷାର ସୁଧାର ଆଣିବା ନାଁରେ
ଚାଲେ ଛକାପଞ୍ଝା ଖେଳ
ଯେଉଁ ଖେଳ ଏବେ ହେବାକୁ ବଇଚି
ଛାତ୍ରଛାତ୍ରୀ ପାଇଁ କାଳ ।
-ବିଧୂ

## ସୁନା ଓ ରୂପା ଦର ରେକର୍ଡ ଭାଙ୍ଗିଲା

ନୂଆଦିଲ୍ଲୀ-୧୨।୧୨: ପୁଣି ଥରେ ସୁନା ଏବଂ ରୂପା ସମସ୍ତ ରେକର୍ଡ ଭାଙ୍ଗିଛି। ୨୪ କ୍ୟାରେଟ୍ ସୁନା ମୂଲ୍ୟ ପ୍ରତି ୧୦ ଗ୍ରାମ ୧.୩୪ ଲକ୍ଷ ଟଙ୍କାରେ ପହଞ୍ଚିଛି। ରୂପା କିଲୋପ୍ରତି ପ୍ରଥମ ଥର ପାଇଁ ୨ ଲକ୍ଷ ଟଙ୍କା ଅତିକ୍ରମ କରିଛି। ଆମେରିକା କେନ୍ଦ୍ରୀୟ ବ୍ୟାଙ୍କ ରିଜର୍ଭ ସୁଧ ହାର ହ୍ରାସ କରିବା ପରେ ଲଗାତାର ଦ୍ୱିତୀୟ ଦିନ ପାଇଁ ସୁନା ଏବଂ ରୂପାରେ ଏହି ବୃଦ୍ଧି ଦେଖିବାକୁ ମିଳିଛି। ମଲ୍ଟି କମୋଡିଟି ଏକ୍ସଚେଞ୍ଜରେ ସୁନା ଏହାର ସର୍ବକାଳୀନ ସର୍ବାଧିକ ଦରରେ ପହଞ୍ଚିଛି, ୧୨ ଡିସେମ୍ବରରେ ଏହାର ମୂଲ୍ୟ ୧.୦୬ ପ୍ରତିଶତ ବୃଦ୍ଧି ସହିତ ୧୩୯୯ ଟଙ୍କାରେ ପହଞ୍ଚିଛି । ଦିନର ଆରମ୍ଭରେ ଏହାର ଦର ପ୍ରତି ୧୦ ଗ୍ରାମ ୧,୩୩,୮୬୮ ଟଙ୍କା ଥିଲା । ବଜାର ଖୋଲିବା ସମୟରେ ଏହା ୧,୩୩,୯୬୭ ଟଙ୍କାରେ ପହଞ୍ଚିଥିଲା । ଏହା ସର୍ବକାଳୀନ ସର୍ବାଧିକ ଦର । ଗୁରୁବାରରେ ପ୍ରତି ଦଶଗ୍ରାମ ସୁନା ଦର ୧,୩୨,୪୬୯ ଟଙ୍କା ଥିଲା ।ରୂପା ଦର ୦.୬୬% ବୃଦ୍ଧି ପାଇ ୧୩୦୮ ଟଙ୍କାରେ ପହଞ୍ଚିଛି। ଏହା ସହିତ, ରୂପାର ମୂଲ୍ୟ କିଲୋଗ୍ରାମ ପ୍ରତି ୨ ଲକ୍ଷ ଟଙ୍କା । ଖବର ଲେଖାଯିବା ସମୟରେ, ରୂପା ଦର ପ୍ରତି କୋଲଗ୍ରାମ ୨,୦୦,୨୫୦ ଟଙ୍କା ଥିଲା। ଏହି ସମୟ ମଧ୍ୟରେ, ଏହାର ସର୍ବୋଚ୍ଚ ସ୍ତର ୨,୦୦,୩୬୨ ଟଙ୍କା ଏବଂ ସର୍ବନିମ୍ନ ସ୍ତର ୧,୯୬,୯୫୬ ଟଙ୍କା ଥିଲା। ପୂର୍ବ ଦିନ ରୂପା ଏକ କିଲୋଗ୍ରାମ ୧,୯୮,୯୪୨ ଟଙ୍କା ଥିଲା । ଇଣ୍ଡିଆ ବୁଲିୟନ୍ ଆଣ୍ଡ ଜୁଏଲର୍ସ ଆସୋସିଏସନ୍ ରେ ସୁନା ଏବଂ ରୂପା ମୂଲ୍ୟରେ ମଧ୍ୟ ଅତ୍ୟଧିକ ବୃଦ୍ଧି ଦେଖାଯାଇଥିଲା। ଶୁକ୍ରବାର ସକାଳେ ୨୪ କ୍ୟାରେଟ୍ ସୁନାର ମୂଲ୍ୟ ପୂର୍ବ ଦିନ ତୁଳନାରେ ୨୦୩୪ ଟଙ୍କା ବୃଦ୍ଧି ପାଇ ୧,୩୦,୫୬୯ ଟଙ୍କା ରେ ପହଞ୍ଚିଛି। ଗୁରୁବାର ଦିନ ଏହାର ମୂଲ୍ୟ ପ୍ରତି ୧୦ ଗ୍ରାମକୁ ୧,୨୮,୫୩୫ ଟଙ୍କା ଥିଲା। ଗତ ଗୋଟିଏ ମାସରେ ସୁନାର ମୂଲ୍ୟ ୭୨୦୭ ଟଙ୍କା ବୃଦ୍ଧି ପାଇଛି। ନଭେମ୍ବର ୧୨, ୨୦୨୫ ରେ ସୁନାର ମୂଲ୍ୟ ପ୍ରତି ୧୦ ଗ୍ରାମକୁ ୧,୨୩,୯୧୩ ଟଙ୍କା ଥିଲା।



# ବାଘୁଆ ଜଳସେଚନ ପ୍ରକଳ୍ପର ରବି ଋତୁ ଚାଷ ନିମନ୍ତେ ଅଧିବେଶନ



ବୁଗୁଡ଼ା, ୧୨।୧୨:(ମନ୍ଥନ)ସ୍ଥାନୀୟ ବାଘୁଆ। ଜଳସେଚନ ପ୍ରକଳ୍ପ କାର୍ଯ୍ୟାଳୟଠାରେ ଶୁକ୍ରବାର ଦିନ ରବି ଋତୁ ଚାଷ ନିମନ୍ତେ ଜଳ ଯୋଗାଣ ସଂପର୍କିତ ଏକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି ।ଉକ୍ତ ଅଧିବେଶନରେ ବାଘୁଆ। ଜଳସେଚନ ପ୍ରକଳ୍ପରସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଇଂ କୃଷ୍ଣ ଚନ୍ଦ୍ର ପାଳ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ରବି ଋତୁରେ ବାଘୁଆ। ଜଳସେଚନ ପ୍ରକଳ୍ପର ଆୟକଟ୍ ଅଞ୍ଚଳର ଉପରି ମୁଣ୍ଡରେ ଚାଷ କାର୍ଯ୍ୟ କରିବା ପାଇଁ ଚାଷୀମାନଙ୍କୁ ପ୍ରସ୍ତାବ ଦେଇଥିଲେ ।ବର୍ତ୍ତମାନ ବାଘୁଆ। ଜଳଭଣ୍ଡାରର ଜଳଧାରଣ କ୍ଷମତା ଶତକଡା ୯୩.୪ ରହିଥିଲେ ମଧ୍ୟ ଅଯଥା ଜଳର ଅପଚୟ ନକରିବାକୁ ସେ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ । ବୈଠକରେ ବୁଗୁଡ଼ା କୃଷି ଅଧିକାରୀ ହରପ୍ରିୟା ବେହେରା ଓ ପୋଲସରା କୃଷି ଅଧିକାରୀ ରାଜଲକ୍ଷ୍ମୀ ପାଢୀ ଯୋଗଦେଇ ସରକାରଙ୍କ କୃଷି ବିଭାଗ ସଂପର୍କିତ ବିଭିନ୍ନ ଯୋଜନା ଓ ପ୍ରୋତ୍ସାହନ ସଂପର୍କରେ ଚାଷୀମାନଙ୍କୁ ଅବଗତ କରାଇଥିଲେ । ସେହିପରି ବୈଠକରେ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଏମ୍. ଦେବାଶିଷ ଦୋରା ବିଲାତି ଆଳୁ ଚାଷ ସଂପର୍କରେ ଆଲୋକପାତ କରିବା ସହ ଆସନ୍ତା ରବିଋତୁରେ ଆଳୁ ଚାଷ କରିବା ସକାଶେ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ । ରବିଋତୁରେ ବାଘୁଆ। ଜଳଭଣ୍ଡାରରେ ଥିବା ଗଚ୍ଛିତ ଜଳକୁ ବାଘୁଆ। ଜଳଭଣ୍ଡାରର ଉଭୟ ବାମ ଓ ଡାହାଣ କେନାଲ ଦେଇ ୨୦ କିଲୋମିଟର ପର୍ଯ୍ୟନ୍ତ ଆସନ୍ତା ୧୬-୦୧-୨୬ ତାରିଖ ଠାରୁ ୫ଟି ପର୍ଯ୍ୟାୟ କ୍ରମରେ ଜଳ ଯୋଗାଣ କରାଯିବ ବୋଲି ବୈଠକରେ ନିଷ୍ପତି ହୋଇଥିଲା । ଏଥିରେ ସହକାରୀ ଯନ୍ତ୍ରୀ ଇଂ ବିଶ୍ୱଜୀବନ ମହାପାତ୍ର ସହଯୋଗ କରିଥିବା ବେଳେ ସହକାରୀ ଯନ୍ତ୍ରୀ ଇଂ କେଶବ ଖଟାଇ ସ୍ୱାଗତ ଭାଷଣ ଓ ଇଂ ପୂର୍ଣ୍ଣଚନ୍ଦ୍ର ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେୟ ଅଧିବେଶନରେ ବହୁ ଚାଷୀ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇ ଥିଲେ ।ଏ ସଂପର୍କରେ ବିଭିନ୍ନ ବିଭାଗର ଉଚ୍ଚ ଅଧିକାରୀଙ୍କୁ ମଧ୍ୟ ଅବଗତ କରାଯାଇଛି ବୋଲି ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ କୃଷ୍ଣଚନ୍ଦ୍ର ପାଳ ସୂଚନା ଦେଇଥିଲେ ।

# ବାହାଡ଼ାଝୋଲା ,ଦଧିବାମନ ଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଓ ସାଂସ୍କୃତିକ ଉତ୍ସବ




ନୂଆଗାଁ,୧୨।୧୨:(ମନ୍ଥନ)ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଅନ୍ତର୍ଗତ ବାହାଡ଼ାଝୋଲା ପଞ୍ଚାୟତ ରେ ୧୯୮୯ ମସିହାରୁ ସ୍ଥାପିତ ବାହାଡ଼ାଝୋଲା ଦଧିବାମନ ଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ବାର୍ଷିକ କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ତା ୧/୧୨/୨୦୨୫ ରିଖ ଠାରୁ ଏହି ବାର୍ଷିକ କ୍ରୀଡା ଆରମ୍ଭ ହୋଇଥିବା ବେଳେ ଆଜି ତା ୧୨/୧୨/୨୦୨୫ ରିଖ ଦିନ ଏହାର ଉଦଯାପନ ହୋଇଯାଇଛି । ଏଥି ନେଇ ବିଦ୍ୟାଳୟ ପରିସରରେ ଏକ ଭବ୍ୟ କାର୍ଯ୍ୟକ୍ରମ ର ଆୟୋଜନ ହୋଇଥିଲା । ଏହି ଉଦଯାପନୀ ଉତ୍ସବରେ ଏହି ଦଧିବାମନ ଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ପ୍ରତିଷ୍ଠାତା ସଦସ୍ୟ ତଥା ପୂର୍ବତନ ଅଧକ୍ଷ ଗୋପୀନାଥ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଆରତୀ ସେଠୀ,ବ୍ୟଙ୍ଗ କବି ( ବୋଲଗଡ଼ ଏକ୍ସପ୍ରେସ)ବ୍ରଜ ସୁବୁଦ୍ଧି ଓ ବ୍ୟଙ୍ଗ କବି ସୁଶାନ୍ତ କୁମାର ସାହୁ ଯୋଗଦେଇଥିଲେ । ବିଦ୍ୟାଳୟର ଅଧକ୍ଷ ତ୍ରିଲୋଚନ କର ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା ।ମୁଖ୍ୟ ଅତିଥି ଗୋପୀନାଥ ସାହୁ ତାଙ୍କ ବକ୍ତବ୍ୟରେ ଛାତ୍ର ଛାତ୍ରୀ ମାନଙ୍କୁ ସମାଜରେ ଜଣେ ଜଣେ ସୁନାଗରିକ ହେବା ଓ ଜୀବନର ମୂଲ୍ୟବାନ ସମୟକୁ ନଷ୍ଟ ନକରିବା ପାଇଁ ପରାମର୍ଶ ଦେବା ସହ ସମାଜସେବୀ ହେବା ପାଇଁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ସରପଞ୍ଚ ଆରତୀ ସେଠୀ ଶୃଙ୍ଖଳିତ ହେବା, ଭଲ ପାଠ ପଢି ଅଞ୍ଚଳ ଓ ଅନୁଷ୍ଠାନ ର ନାମ ରଖିବା ପାଇଁ ପରାମର୍ଶ ଦେଇଥିଲେ । ବ୍ୟଙ୍ଗ କବି ବୋଲଗଡ଼ ଏକ୍ସପ୍ରେସ କୁଆହେଉଥିବ ବ୍ରଜ ସୁବୁଦ୍ଧି ଏବଂ ସୁଶାନ୍ତ ସାହୁ ତାଙ୍କ ବ୍ୟଙ୍ଗ କବିତା ମାଧମରେ ସମସ୍ତଙ୍କୁ ହସାଇ ହସାଇ ବେଦମ୍ କରିବା ସହ ବ୍ୟଙ୍ଗ କବିତା ମାଧମରେ ଛାତ୍ର ଛାତ୍ରୀ ମାନଙ୍କୁ ମୋବାଇଲ ର ଦୁରୁପଯୋଗ ଓ ସାଇବର ଠକେଇ ସମ୍ପର୍କରେ ଅବଗତ କରାଇଥିଲେ ।ଆୟୋଜିତ ବିଭିନ୍ନ ପ୍ରକାରର କ୍ରୀଡା ରେ କୃତିତ୍ୱ ପ୍ରଦର୍ଶନ କରିଥିବା ଛାତ୍ର ଛାତ୍ରୀ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ ।ଆଜିର ଏହି କାର୍ଯ୍ୟକ୍ରମ ରେ ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ,ଅଧାପକ ଅଧାପିକା ଏବଂ କର୍ମଚାରୀ ମାନେ ଉପସ୍ଥିତ ଥିଲେ । ବାହାଡ଼ାଝୋଲା ପୋଲିସ ଫାଣ୍ଡି ପକ୍ଷରୁ ଜିତେନ୍ଦ୍ର କୁମାର ସେଠୀ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ ।ବର୍ଷା ଏବଂ ଅର୍ଚ୍ଚିତା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ କାର୍ଯ୍ୟକ୍ରମ ଶେଷରେ ବିଦ୍ୟାଳୟର ଓଡ଼ିଆ। ଅଧାପକ ଆଶୁତୋଷ ଖିଲାର ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲା ସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ

ବଲାଙ୍ଗୀର,୧୨।୧୨:(ମନ୍ଥନ)ବଲାଙ୍ଗୀର ଜିଲ୍ଲା ଭାରତୀୟ ଜନତା ପାର୍ଟି ତରଫରୁ ଆଜି ପଥର ଚେପା ବିଜେପି କାର୍ଯ୍ୟାଳୟ ଠାରେ ବଲାଙ୍ଗୀର ଜିଲ୍ଲା ବିଜେପି ସଭାପତି ଶ୍ରୀବତ୍ସ ବେହେରା ଙ୍କ ଅଧକ୍ଷତା ରେ ଜିଲ୍ଲା ସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ବିଜେପି ର ବିଭିନ୍ନ କାର୍ଯ୍ୟକ୍ରମ ଓ ସଂଗଠନ କୁନେଇ ଏହି କାର୍ଯ୍ୟକ୍ରମ ରେ ଆଲୋଚନା ହୋଇଥିଲା । ଜିଲ୍ଲା ବିଜେପି ସଭାପତି ଶ୍ରୀବତ୍ସ ବେହେରା ଙ୍କ ଅଧୀନ ରେ ଜିଲ୍ଲା କମିଟ । ମଣ୍ଡଳ ସ୍ତରୀୟ କମିଟି ଗଠନ କୁ ନେଇ ଖୁବ ଶୀଘ୍ର ହେବ ବୋଲି ସଭାପତି ସୂଚନା ଦେଇଥିଲେ । ଏହି ଜିଲ୍ଲା ସ୍ତରୀୟ ସାଙ୍ଗଠନିକ ବୈଠକ ରେ ଜିଲ୍ଲା ର ସମସ୍ତ ମଣ୍ଡଳ ସଭାପତି ଓ ବରିଷ୍ଠ କାର୍ଯ୍ୟକର୍ତ୍ତା ମାନେ ଯୋଗ ଦେଇଥିଲେ । ମହିଳା ମୋର୍ଚ୍ଚା




ର ସମସ୍ତ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ ।ମଞ୍ଚରେ ଉପସ୍ଥିତ ଥିଲେ । ଜିଲ୍ଲା ବିଜେପି ସଭାପତି ଶ୍ରୀବତ୍ସ ବେହେରା. ବିଜେପି ବିଧାୟକ ପ୍ରାର୍ଥ ଗୋପାଳଜୀ ପାଣିଗ୍ରାହୀ. ମହିଳା ମୋର୍ଚ୍ଚା ସଭାପତି ରଞ୍ଜିତା ପାଣିଗ୍ରାହୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପଂକଜିନୀ ପଣ୍ଡା, ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ମହେନ୍ଦ୍ର ଠାକୁର, ଓ଼ି. ସି. ମୋର୍ଚ୍ଚା ସଭାପତି ମନୋଜ ହାତୀ,ଏସ. ଟି. ମୋର୍ଚ୍ଚା ସଭାପତି ଚିତ୍ରସେନ ଭୋଇ. ଏସ. ସି. ମୋର୍ଚ୍ଚା ସଭାପତି ବିକ୍ରମ ତାଣ୍ଡି, କୃଷକ ମୋର୍ଚ୍ଚା ସଭାପତି ମାଧବ ସାଏ. ଯୁବ ମୋର୍ଚ୍ଚା ସମ୍ପାଦକ ଦେବବ୍ରତ ନିନା, ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ ।

# ବିଶ୍ୱ ମାନବିକ ଅଧିକାର ଦିବସ ପାଳିତ

୧୨।୧୨:(ମନ୍ଥନ) ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ପ୍ରଦତ୍ତ କାର୍ଯ୍ୟକ୍ରମ ଅନୁସାରେ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ପକ୍ଷରୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଓଲଙ୍ଗ, ଭଦ୍ରକଠାରେ ବିଶ୍ୱ ମାନବାଧିକାର ଦିବସ ପାଳିତ ହୋଇଯାଇଅଛି। ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ରଥମେ ଏକ ଶୋଭାଯାତ୍ରା ବାହାରି ସଚେତନତା ନିମିତ୍ତ ଛାତ୍ରଛାତ୍ରୀ ମାନେ ସୂଚନା ଫଳକଧରି ସ୍ଲୋଗାନ ଦେଇ ଆଗେଇ ନେଇଥିଲେ। ତତ୍‌ପରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ପ୍ରବନ୍ଧ ପ୍ରତିଯୋଗିତାରେ ଭାଗନେଇ ଅତିଥିମାନଙ୍କ ଠାରୁ ପୁରସ୍କୃତ ହୋଇଥିଲେ। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ, ଶ୍ରୀ ପୁଣ୍ୟଶ୍ଳୋକ ରଥ ନିଜ ବକ୍ତବ୍ୟ ମାଧ୍ୟମରେ ପିଲାମାନଙ୍କୁ ଭବିଷ୍ୟତରେ ଜଣେ ଜଣେ ଉତ୍ତମ ତଥା ସଚେତନଶୀଳ ନାଗରିକ ହେବା ପାଇଁ କହିଥିଲେ। ଅତିରିକ୍ତ ଆରକ୍ଷୀ ଅଧିକାରୀ, ଭଦ୍ରକ, ଶ୍ରୀ ସମ୍ବିତ ମାଝି ନିଜ ବକ୍ତବ୍ୟ ମାଧ୍ୟମରେ ପିଲାମାନଙ୍କୁ ଏହି ଦିବସର ତାତ୍ପର୍ଯ୍ୟ ବୁଝାଇବା ସହ ଏହି ବୟସରେ ସମୟର ସତ୍ ଉପଯୋଗ କରିବା ପାଇଁ ପିଲାମାନଙ୍କୁ ବୁଝାଇଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ଟୁନଟୁନ ସାହା, ଯୋଗଦେଇଥିଲେ। ଶିକ୍ଷୟିତ୍ରି କାଦମ୍ବିନୀ କର ଶର୍ମା ଏହି କାର୍ଯ୍ୟକ୍ରମଟିର, ପ୍ରାରମ୍ଭିକ ଉଦ୍‌ବୋଧନ ମାଧ୍ୟମରେ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଲ.ଏ.ଡିସ. ଏସ. ସହାୟକ ତଥା ନ୍ୟାୟ ରକ୍ଷକ ବହ୍ନିଶିଖା ବିଶ୍ୱାଳ ଉପସ୍ଥିତ ଛାତ୍ର ଛାତ୍ରୀ ମାନଙ୍କୁ ଆଜିର ଏହି ବିଶ୍ୱ ମାନବିକ ଅଧିକାର ଦିବସ ସଂପର୍କରେ ସମ୍ୟକ ଆଲୋଚନା କରି ପିଲାମାନଙ୍କୁ କହିଥିଲେ ଯେ ସମସ୍ତେ ଉତ୍ତମ ଶିକ୍ଷା ପାଇଁ ନିଜକୁ ଭଲ ରୂପେ ଗଢ଼ି ତୋଳିବା ଆବଶ୍ୟକ। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର କର୍ମୀ ଗଣ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କାର୍ଯ୍ୟକ୍ରମଟିକୁ ସଫଳ ରୂପେ ଆଗେଇ ନେଇଥିଲେ।

# ମାନସିକ ସ୍ୱାସ୍ଥ୍ୟ ଓ କାର୍ଯ୍ୟଚାପ ପରିଚାଳନା ଆଲୋଚନା ଚକ୍ର

ଯାଜପୁର,୧୨।୧୨:(ମନ୍ଥନ) ଯାଜପୁର ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ କୋର୍ଟର ଭିଡିଓ କନଫରେନସିଂ ହଲଠାରେ ମାନସିକ ସ୍ୱାସ୍ଥ୍ୟ ଓ କାର୍ଯ୍ୟଚାପ ନିୟନ୍ତ୍ରଣ ସମ୍ବନ୍ଧୀୟ ଏକ ସମ୍ବେଦନଶୀଳ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି ।ଏଥିରେ ଜିଲ୍ଲା ଦୌରାଜଜ୍ ତଥା ପ୍ରାଧିକରଣ ଅଧକ୍ଷ ଅମୃତ ରଞ୍ଜନ ନନ୍ଦ ଅଧକ୍ଷତା କରି ସ୍ୱାଗତ ବକ୍ତବ୍ୟ ରଖିବା ସହ ଆଲୋଚ୍ୟ ବିଷୟର ସମୟୋପଯୋଗୀ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଏଥିରେ ଅତିଥି ଆଲୋଚକ ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଜୟ କୁମାର ମିଶ୍ର ଓ ବିଶିଷ୍ଟ ରିସୋର୍ସ ପର୍ସନ ଭାବେ ମହାରାଜା ଯଯାତି କେଶରୀ ମେଡିକାଲ୍ କଲେଜର ମନୋବିଜ୍ଞାନ ବିଭାଗ ମୁଖ୍ୟ ଡାକ୍ତର ସୀମା ପରିଜା ଯୋଗଦେଇ ମାନସିକ ସ୍ୱାସ୍ଥ୍ୟର କାରଣ ଓ ନିରାକରଣ, ବ୍ୟକ୍ତିଗତ ଯତ୍ନ ଓ ଏଥିପାଇଁ ଉପଲବ୍ଧ ସରକାରୀ ବ୍ୟବସ୍ଥା ସମ୍ବନ୍ଧରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ଷେତ୍ରରେ ଘରର ଗୃହିଣୀଠାରୁ ଆରମ୍ଭ କରି ଛାତ୍ର, ଶ୍ରମିକ ବିଭିନ୍ନ କାର୍ଯ୍ୟନିର୍ବାହୀ ବ୍ୟକ୍ତିବିଶେଷ କିପରି ନାନାଦି




କାମ ଦ୍ୱାରା ଚାପଗ୍ରସ୍ତ ହେଉଛନ୍ତି ଏବଂ ଏପରି ଅବସ୍ଥା ଦୀର୍ଘ ସମୟ ଲାଗି ରହିଲେ ତାହା କିପରି ବ୍ୟାଧିରେ ପରିଣତ ହେଉଛି ସେ ବିଷୟରେ ଡାକ୍ତର ପରିଜା ବର୍ଣ୍ଣନା କରିଥିଲେ। କର୍ମଚାପରୁ ମୁକ୍ତିପାଇଁ ଦୈନନ୍ଦିନ ଚଳଣି, ଖାଦ୍ୟପେୟ, ପଢ଼ାପଢ଼ି, ଟିଭି ଦେଖିବା ସହ ମୋବାଇଲ ବ୍ୟବହାରରେ ସୁଧାର ଆଣିବା ଭଳି କେତେକ ସରଳ ଉପାୟ ସମ୍ପର୍କରେ ସେ ଉଲ୍ଲେଖ କରିଥିଲେ। ଅତିଥିମାନେ ସାମାଜିକ ସମ୍ପର୍କ ସହ ଯୋଗ ପ୍ରାଣାୟାମ ଓ ସଂଯମ ଆଚରଣକୁ ଆପେଣେଇବାକୁ ପରାମର୍ଶ ଦେଇଛନ୍ତି। ଏହି ସମୟୋପଯୋଗୀ ଆଲୋଚନା ଚକ୍ରକୁ ଅଧିକ ଶିକ୍ଷଣୀୟ ଓ ସଫଳ କରାଇବାରେ ବରିଷ୍ଠ ଦେଓ୍ୱାନୀ ବିଚାରପତି ସତ୍ୟପ୍ରକାଶ ରାୟ ଚୌଧୁରୀ, ସିଭିଲ କୋର୍ଟ ରେଜିଷ୍ଟ୍ରାର ମାନସ ରଞ୍ଜନ ସାମନ୍ତରାୟ, ଅତିରିକ୍ତ ବରିଷ୍ଠ ଦେଓ୍ୱାନୀ ବିଚାରପତି ନେହା ଅଗ୍ରଓ୍ୱାଲ୍, ବରିଷ୍ଠ ସିଭିଲ୍ ଜଜ୍ ଆରଆଣ୍ଡଆଇଟିସି ଲୋପାମୁଦ୍ରା ବେହେରା, ଏସଡିଜିଏମ ସୁମିତ୍ରା ବିଶ୍ୱାଳ ଓ ମୁନସଫ୍ ସୁନିତା ବିଶ୍ୱାଳଙ୍କ ସକ୍ରିୟ ଯୋଗଦାନ ରହିଛି । ଏହି ଆଲୋଚନା ଚକ୍ରରେ ମିଡିଏର୍ଟ, ପିଏଲଭି, କନସିଲେଟର୍ ପ୍ରମୁଖ ଉପସ୍ଥିତ ଥିଲେ। ଆଲୋଚନା ଚକ୍ରର ସଂଯୋଜନା କରିଥିଲେ ପ୍ରାଧିକରଣର ସଚିବ ଲିପା ମହାନ୍ତି। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରାଧିକରଣ କର୍ମଚାରୀ ସହଯୋଗ କରିଥିଲେ।

# ଜଇପୁର ବାଲିଘାଟରେ ଚଢାଉ

ଜଗତସିଂହପୁର,୧୨।୧୨:(ମନ୍ଥନ) ଗୁରୁବାର ସଂନ୍ଧ୍ୟାରେ ଜଗତସିଂହପୁର ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରେଇ ରଘୁନାଥପୁର ଅତିରିକ୍ତ ତହସିଲଦାର ତପନ କୁମାର ପରିଡ଼ାଙ୍କ ଉପସ୍ଥିତରେ ମହାନଦୀର ଜଇପୁର ବାଲିଘାଟରେ ୨୨ଟି ଖାଲି ରହିଥିବା ହାଇଓ୍ୱା ଓ ଦୁଇଟି ଏସ୍କାଭେଟରକୁ ତିର୍ତ୍ତୋଲ ପୋଲିସ ସହାୟତାରେ ଅଟକ ରଖିଛନ୍ତି । ବର୍ତ୍ତମାନ ରାଜ୍ୟରେ ସରକାର ବେଆଇନ ବାଲି ଚାଲାଣ ଉପରେ ରୋକ୍ ଲଗାଇ ଥିବା ବେଳେ ଏହି ଗାଡ଼ି ଗୁଡ଼ିକ କାହିଁକି ଏବଂ କେଉଁଠାରୁ ବାଲି ଉଠାଇବା ସହିତ କାଗଜପତ୍ରର ଯାଞ୍ଚ ପାଇଁ ତଦନ୍ତ ଜାରି ରହିବା ସହିତ ଅଟକ ରଖାଯାଇଛି ବୋଲି ମାଇନିଂ ଅଫିସର ସତିଶ କୁମାର ତରେଇ ସୂଚନା ଦେଇଛନ୍ତି । ଏହି ଘଟଣାରେ ତିର୍ତ୍ତୋଲ ପୋଲିସ ପକ୍ଷରୁ ୪ଜଣଙ୍କୁ ଅଟକ ରଖାଯାଇଥିବା ଜଣାଯାଇଛି।

# ତିନି ଦିନିଆ ପ୍ରତିଭା ମହୋତ୍ସବ ନେଇ ପ୍ରସ୍ତୁତି ବୈଠକ

ଫୁଲନଖରା,୧୨।୧୨:(ମନ୍ଥନ)ଅଗ୍ରଣୀ ସାଂସ୍କୃତିକ ତଥା ସାମାଜିକ ସଂଗଠନ ସରସ୍ୱତୀ କଳା ପରିଷଦ କନ୍ଦରପୁର ୨୨ ତମ ବାର୍ଷିକ ଉତ୍ସବ ନେଇ ପ୍ରସ୍ତୁତି ବୈଠକ କଇଜଙ୍ଗା ମହାବୀର ପୀଠରେ ଅନୁଷ୍ଠିତ ହୋଇଯାଇଛି । ପରିଷଦ ସଭାପତି ପ୍ରତିଭା ଶତପଥୀଙ୍କ ପୌରିହିତ୍ୟରେ ଆୟୋଜିତ ବୈଠକରେ ସମ୍ପାଦକ ଅଶୋକ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଉପ ସଭାପତି ପ୍ରଧାପକ ପ୍ରଫୁଲ୍ଲ ଦାସ ମଂଚ ପରିଚାଳନା କରିଥିଲେ । ପ୍ରାରମ୍ଭରୁ ମହାବୀରଙ୍କ ପୀଠରେ ପୂଜାର୍ଚ୍ଚନା କରାଯାଇ ପରେ ପୂର୍ବତନ ସଂଯୋଜକ ସାମ୍ବାଦିକ ଚକ୍ରବର୍ତ୍ତୀ ଓତାଙ୍କ ବିୟୋଗରେ ନୀରବ ପାର୍ଥନା କରାଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ସାଂସ୍କୃତିକ ସମ୍ପାଦକ ଦୈତାରୀ ପ୍ରଧାନ, ଉପଦେଷ୍ଟା ଅଧାପକ ବସୁଦେବ ସ୍ୱାଇଁ,ସୌଭାଗ୍ୟ ବାରିକ,ବୀରବର ରାଉତ,ଭଗବାନ ପୃଷ୍ଟି,କଳାକାର ଅଜୟ ଭୂୟାଁ,ରଶ୍ମୀ ରଂଜନ ରାଉଳ,ଚକ୍ରଧର ମହାଳୀ,ରାଜା ମହାନ୍ତି,ଚୈତନ୍ୟ ନାୟକ, ପିଣ୍ଟୁ ନାୟକ,ରାଜେନ୍ଦ୍ର ରଣା,କୋଷାଧକ୍ଷ ଇଂ.ସେବକ ଶ୍ରୀକାନ୍ତ,ଅଭିଭାବକ ଅଭିଭାବିକା ପ୍ରମୁଖ ଉପସ୍ଥିତ ଥିଲେ । ଏହି ବାଇଶ ତମ ବାର୍ଷିକ ଉତ୍ସବ ଚଳିତ ମାସ ଡିସେମ୍ବର ୨୬ ଠାରୁ ୨୮ ପର୍ଯ୍ୟନ୍ତ ତିନିଦିନ ଧରି କନ୍ଦରପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହେବା ସହ ପ୍ରତିଭା ସମ୍ମାନ ସମାରୋହ,ସାହିତ୍ୟ ସଭା,ସାଂସ୍କୃତିକ କାର୍ଯ୍ୟକ୍ରମ,ବିଦ୍ୟାଳୟ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା,ସେବାକାର୍ଯ୍ୟ,ପତ୍ର ପତ୍ରିକା ଉନ୍ମୋଚନ ଆଦି ବହୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ନେଇ ଆଲୋଚନା କରା ଯାଇଥିଲା । ଆଗ୍ରହୀ ବିଦ୍ୟାର୍ଥୀ ବା ପ୍ରତିଯୋଗୀ ମାନେ ପରିଷଦ କାର୍ଯ୍ୟାଳୟ ଦୂରଭାଷ ନମ୍ବର ୯୮୬୧୮୮୪୮୩/ ୯୦୯୦୦୨୦୪୨୯/୯୮୧୯୪୮୮୯୫୪/ନମ୍ବରରେ ଯୋଗଗୋଗ କରିପାରିବେ । ଶେଷ ଦିନ ୨୮ ଡିସେମ୍ବର (ରବିବାର) ଉଜ୍ଜାପନି ସନ୍ଧ୍ୟାରେ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଗୁରୁ ଅଶୋକ କୁମାର ପଟ୍ଟନାୟକଙ୍କ ନିର୍ଦ୍ଦେଶନାରେ ପରିଷଦର କାର୍ଯ୍ୟକର୍ତ୍ତା ଓ ସରସ୍ୱତୀ ସଂଗୀତ ବିଦ୍ୟାଳୟର ବିଦ୍ୟାର୍ଥିଙ୍କ ଦ୍ୱାରା ସାମାଜିକ ନାଟକ ମୁଖା ପିନ୍ଧା ମଣିଷ ମଞ୍ଚସ୍ଥ ହେବାର ଯୋଜନା ରହିଛି । ବୈଠକରେ ସହ ସାଂସ୍କୃତିକ ସମ୍ପାଦକ ଭାବେ ନୃତ୍ୟଶିଳ୍ପୀ ଶୁଭାକାଙ୍କ୍ଷୀ ଭୋଇ,ସଂଯୋଜକ ଭାବେ କଣ୍ଠଶିଳ୍ପୀ ଇଂ. ଅମିୟ ରଂଜନ ପଟ୍ଟନାୟକଙ୍କ ନାମ ଘୋଷଣା କରାଯାଇ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସହ ସମ୍ପାଦକ ପ୍ରଭାତ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅର୍ଥନୀତି ଓ ପରିସଂଖ୍ୟାନ ବିଭାଗ ନିର୍ଦ୍ଦେଶକଙ୍କ ଯାଜପୁର ଗସ୍ତ ସହ ଜଳସେଚନ ଗଣନା

ଯାଜପୁର,୧୨।୧୨:(ମନ୍ଥନ) ଅର୍ଥନୀତି ଓ ପରିସଂଖ୍ୟାନ ବିଭାଗ ନିର୍ଦ୍ଦେଶକ ଡ଼ଃ ବିଜୟ ଭୂଷଣ ନନ୍ଦ ଏବଂ ଡ଼ଃ କେ.ସି. ପାଣି, ବିଷୟ ବିଶେଷଜ୍ଞ ବଡ଼ଚଣା ବ୍ଲକର ଚମ୍ପାପୁର ଗ୍ରାମପଂଚାୟତର ସାନବନ୍ଦଲୋ ଗ୍ରାମ ଏବଂ ଧର୍ମଶାଳା ବ୍ଲକର ମଧୁପୁରଗଡ଼ ଗ୍ରାମପଂଚାୟତର ପଂଟୁରୀ ଗ୍ରାମରେ ୭ମ ଅଳ୍ପ ଜଳସେଚନ ଗଣନା, ଦ୍ୱିତୀୟ ଜଳାଶୟ ଗଣନା, ବୃହତ ଓ ମଧ୍ୟମ ସେଚନ ଗଣନା, ସ୍ପ୍ରିଂ ଗଣନାର କ୍ଷେତ୍ର ତଦାରଖ କରିଛନ୍ତି । ଏହି ସର୍ଭେ କାର୍ଯ୍ୟ ସାନବନ୍ଦଲୋରେ ସମୀର ରଞ୍ଜନ ପଲେଇ, ଏସଏଫଏସ ଓ ପଂଟୁରୀରେ ସୌମ୍ୟ ରଞ୍ଜନ କର, ସର୍ଭେ ଏନ୍ୟୁମେରେଟରଙ୍କ ଦ୍ୱାରା କରାଯାଇଥିଲା। ତଦାରଖ ସମୟରେ ସରୋଜ କୁମାର ସେଠୀ, କଟକ ପରିସଂଖ୍ୟାନ ଯୁଗ୍ମ ନିର୍ଦ୍ଦେଶକ, କୁମାରୀ ଅର୍ଚ୍ଚିତା ଦାସ, ଉପନିର୍ଦ୍ଦେଶକ (ପରିକଳ୍ପନା ଓ ପରିସଂଖ୍ୟାନ), ଯାଜପୁର ଏବଂ କୁମାରୀ ସିପ୍ରା ଦାସ, ସହାୟକ ପରିସଂଖ୍ୟାନ ନିର୍ଦ୍ଦେଶକ, ଡିପିଏମୟୁ, ଯାଜପୁର ଉପସ୍ଥିତ ଥିଲେ। ଡ଼ଃ ନନ୍ଦ ଗଣନାକାରୀଙ୍କୁ ରାଷ୍ଟ୍ର ଗଠନରେ ସିଚାଇ ଗଣନାର ଗୁରୁତ୍ୱ, ଯୋଜନା ତିଆରିରେ ଏହାର ଭୂମିକା ଓ ତଥ୍ୟ ସଂଗ୍ରହର ଆବଶ୍ୟକତା ବିଷୟରେ ଗ୍ରାମବାସୀଙ୍କୁ ଅବଗତ କରାଇଥିଲେ। ପରେ ସେ ବିଭିନ୍ନ ସେଚନ ଯୋଜନାଗୁଡ଼ିକୁ ସମୀକ୍ଷା କରିଥିଲେ। ସନ୍ଧ୍ୟାରେ ଡ଼ଃ ନନ୍ଦ ଓ ଡ଼ଃ ପାଣି ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ସହିତ ଆଲୋଚନା କରି ଗଣନା କାର୍ଯ୍ୟର ପ୍ରଗତି ଜଣାଇଥିଲେ। ଜିଲ୍ଲାପାଳ ଶ୍ରୀ କର ସମସ୍ତ ଲାଇନ୍ ଡ଼ିପାର୍ଟମେଂଟରୁ ପୂର୍ଣ୍ଣ ସହଯୋଗ ଦେବା ସହ ସ୍ୱୟଂ ୪-୫ଟି ଗ୍ରାମରେ କ୍ଷେତ୍ର ତଦାରଖ କରିବେ ବୋଲି କହିଥିଲେ। ପରବର୍ତ୍ତୀ ଦିନ ଡିଆରଡିଏ କନଫେରେନ୍ସ ହଲ୍, ଯାଜପୁରରେ ନିର୍ଦ୍ଦେଶକ ଡ଼ଃ ବିଜୟ ଭୂଷଣ ନନ୍ଦଙ୍କ ଅଧକ୍ଷତାରେ ରିଫ୍ରେସର୍ ଟ୍ରେନିଂ ପ୍ରୋଗ୍ରାମ ଆୟୋଜିତ ହୋଇଥିଲା। ଡ଼ଃ କେ.ସି. ପାଣି, ବିଷୟ ବିଶେଷଜ୍ଞ, ୭ମ ଏମଆଇ ଗଣନାର ପ୍ରକ୍ରିୟା ଓ ପଦ୍ଧତି ସମ୍ପର୍କରେ ଗଣନାକାରୀଙ୍କୁ ବିସ୍ତୃତ ଭାବେ ଅବଗତ କରାଇଥିଲେ। ଡ଼ଃ ପାଣି ଗଣନାକାରୀ ଓ ଯୁବ ସର୍ଭେ ଏନ୍ୟୁମେରେଟରମାନଙ୍କୁ ସିସିଏ, ଆଇପିସି, ଆଇପିୟୁ, କ୍ଷେତ୍ର ମାପ ଇତ୍ୟାଦିରେ ବିସ୍ତୃତ ପ୍ରଶିକ୍ଷଣ ଦେଇ ସମସ୍ତ ଶଙ୍କା ଦୂର କରିଥିଲେ। ଡ଼ଃ ନନ୍ଦ ମଧ ଜିଲ୍ଲା ସ୍ତରରେ ସେଚନ ଅଧିକାରୀମାନଙ୍କ ସହ ଆଲୋଚନା କରି କ୍ଷେତ୍ର ସମସ୍ୟା ଓ ଉନ୍ନତି ସମ୍ପର୍କରେ ଆଲୋଚନା କରିଥିଲେ।

# ବାର୍ଷିକ କ୍ରୀଡା ଉତ୍ସବ ଉଦଘାଟିତ

ପାରାଦୀପ,୧୨।୧୨:(ମନ୍ଥନ)ପାରାଦୀପ ନୂଆବଜାରସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଶ୍ରୀ ଅରବିନ୍ଦ ଇଣ୍ଟିଗ୍ରାଲ ଏଜୁକେସନ୍ ସେଣ୍ଟରର ୨୨ତମ ବାର୍ଷିକ କ୍ରୀଡା ଉତ୍ସବ ଗୋପବନ୍ଧୁ ଷ୍ଟାଡିୟମ୍ ପରିସରରେ ଶୁକ୍ରବାର ଦିନ ଉଦଘାଟିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ ଉଦଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ଇଫକୋ ପାରାଦୀପ ୟୁନିଟ୍‌ର ଲୋକ ସମ୍ପର୍କ ଅଧିକାରୀ ଡ. ପ୍ରସନ୍ନ କୁମାର ବେଉରା । ସମ୍ମାନୀତ ଅତିଥି ଭାବେ ଡେପୁଟି ମ୍ୟାନେଜିଙ୍ଗ ଟ୍ରଷ୍ଟି ପ୍ରଦୀପ୍ତ କୁମାର ପଣ୍ଡା, ସଦସ୍ୟ ତପନ କୁମାର



ପାତ୍ର, ଶିବ ଚରଣ ବିଶ୍ୱାଳ, ବରିଷ୍ଠ ସାମ୍ବାଦିକ ସଂଜୟ କୁମାର ମିଶ୍ର ଯୋଗ ଦେଇଥିଲେ । ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ଶିକ୍ଷାନୁଷ୍ଠାନର ଅଧକ୍ଷ ତୃପ୍ତି ରଂଜନ ଦାଶ । ଦୁଇ ଦିନିଆ ଏହି କ୍ରୀଡା ଉତ୍ସବକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ମୁଖ୍ୟଅତିଥି ଡ. ବେଉରା । ଛାତ୍ରଛାତ୍ରୀମାନଙ୍କ ଶିକ୍ଷା ସହିତ ଶାରିରୀକ ବିକାଶ ନିମନ୍ତେ ଏହି କ୍ରୀଡା ଉତ୍ସବର ଆବଶ୍ୟକତା ରହିଛି । ଶାରିରୀକ ସୁସ୍ଥତା ରହିଲେ ଛାତ୍ରଛାତ୍ରୀମାନେ ସଠିକ୍ ଭାବେ ଶିକ୍ଷା ଗ୍ରହଣ କରି ପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି କ୍ରୀଡା ଉତ୍ସବକୁ ଶିକ୍ଷାନୁଷ୍ଠାନର ଶିକ୍ଷକ ଶିକ୍ଷୟତ୍ରୀମାନେ ପରିଚାଳନା କରିଥିଲେ ।

# ସହଯୋଗ ଓଡ଼ିଶା ପକ୍ଷରୁ ସ୍ମୃତି ଚାରଣ ସଭା

ଫୁଲନଖରା,୧୨।୧୨:(ମନ୍ଥନ)ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ୪ ନଂ ୱାର୍ଡ ନଖରା ଗ୍ରାମର ମେଳକ ସାହିର ସୁରେନ୍ଦ୍ର ସାହୁଙ୍କର ୭୧ ବର୍ଷ ବୟସରେ ପରଲୋକ ହୋଇଯାଇଛିକ୍ଷ । ଏକାଦଶାହ ଅବସରରେ ସହଯୋଗ - ଓଡ଼ିଶା ସଭାପତି ଗଣେଶ ପ୍ରସାଦ ଦାଶଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଥିଲା । ସଂଗଠନର ସାଧାରଣ ସମ୍ପାଦକ ବରିଷ୍ଠ ସାମ୍ବାଦିକ ଲଳିତ କୁମାର ଦାଶ ସହଯୋଗ- ଓଡ଼ିଶା ଗଠନର ଆଭିମୁଖ୍ୟ ଉପରେ ବକ୍ତବ୍ୟ ରଖି ଅତିଥି ପରିଚୟ ପ୍ରଦାନ କରିଥିଲେ । ସଂଗଠନ ଉପସଭାପତି ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ, ଡା. ଶରତ କୁମାର ରଥ ,ଧନେଶ୍ୱର ସାହୁ, ନରେନ୍ଦ୍ର ସାହୁ,ହରିହର ସାହୁ, ପ୍ରଦୀପ୍ତ କୁମାର ସାହୁ,ଆରତୀ ପଣ୍ଡା, କେଦାରନାଥ ଜେନା,ଚନ୍ଦ୍ରଶେଖର ସାହୁ, ସୁଧୀର କୁମାର ରାଉତ,ମୃତ୍ୟୁଞ୍ଜୟ ପୃଷ୍ଟି, ବ୍ରହ୍ମାନନ୍ଦ ସାହୁ, ନୂତନ ସାହୁ ଓ ତାଙ୍କର ଏକ ମାତ୍ର ପୁତ୍ର ସୁଶାନ୍ତ କୁମାର ସାହୁ,ଝିଅ,ନାତି, ନାତୁଣୀ ପ୍ରମୁଖ ଉପସ୍ଥିତ ଥିଲେ । ସେ ଜଣେ ପରୋପକାରୀ, ମିଷ୍ଟଭାଷୀ, ଜଣେ ଦକ୍ଷ ବ୍ୟବସାୟୀ । ଗ୍ରାମର ସମସ୍ତ ଉନ୍ନତିମୂଳକ କାର୍ଯ୍ୟରେ ସକ୍ରିୟ ଅଂଶଗ୍ରହଣ କରିଥାନ୍ତି । ସଭା ଆରମ୍ଭରେ ସମସ୍ତେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନିରବ ପ୍ରାର୍ଥନା କରିଥିଲେ ।

# ପର୍ଯ୍ୟଟନ ବିଭାଗ ଶାସନ ସଚିବଙ୍କ ଯାଜପୁର ଗସ୍ତ

ଯାଜପୁର,୧୨।୧୨:(ମନ୍ଥନ)ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଳବନ୍ତ ସିଂ ଏକଦିନିଆ ଯାଜପୁର ଗସ୍ତରେ ଆସିଥିଲେ। ପ୍ରଥମେ ସଚିବ ଶ୍ରୀ ସିଂ ବଡ଼ଚଣା ବ୍ଲକ ଅନ୍ତର୍ଗତ ଓଳାଶୁଣି ଗୁମ୍ଫା ଗସ୍ତ କରିବା ସହ ପ୍ରତ୍ନତାତ୍ତ୍ୱିକ ସଂଗ୍ରହାଳୟ ଏବଂ ଲଳିତଗିରି ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଥିଲେ। ଏହା ପରେ ସେ ଜିଲ୍ଲାର ପୁରାତନ ବୌଦ୍ଧ କୀର୍ତିରାଜି ଉଦୟଗିରି ଏବଂ ରତ୍ନଗିରି ପରିଦର୍ଶନ କରିବା ସହ ବୌଦ୍ଧଧର୍ମ ଗୁରୁ, ସ୍ଥାନୀୟ ଜନପ୍ରତିନିଧି ଓ ଜନସାଧାରଣଙ୍କ ସହିତ ଆଲୋଚନା କରିଥିଲେ। ଆଗାମୀ ଦିନରେ ଏହି ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକରେ ଅଧିକରୁ ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ସହ ଏହାର ଉନ୍ନତି ପାଇଁ ପ୍ରସ୍ତାବିତ ଭିତିଭୂମି ବୁଲି ଦେଖିବା ସହ ଉପସ୍ଥିତ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ, ଆଗକୁ ପର୍ଯ୍ୟଟନ ବିଭାଗ ଦ୍ୱାରା ଯାଜପୁର ଜିଲ୍ଲାରେ ଏକ ସମନ୍ୱିତ ବୌଦ୍ଧ ସର୍କିଟ ବିକଶିତ ହେବାକୁ ଯାଉଛି। ଏହି ପ୍ରକଳ୍ପ ଅଧୀନରେ ଏଠାରେ ଏକ ଇଂଟରପ୍ରିଟେସନ କେନ୍ଦ୍ର, ପର୍ଯ୍ୟଟକଙ୍କ ପାଇଁ ବିଭିନ୍ନ ସୁବିଧା ସହ ବୌଦ୍ଧ କୀର୍ତିରାଜିର ସଂରକ୍ଷଣ, ପ୍ରଚାର ପ୍ରସାର କରାଯିବ। ଆସନ୍ତା ଜାନୁଆରୀ ୨୦୨୬ରେ ବୌଦ୍ଧଗୁରୁ ପଦ୍ମସମ୍ଭବଙ୍କ ଉଦ୍ଦେଶ୍ୟରେ ଉଦୟଗିରିଠାରେ ହେବାକୁ ଥିବା ଦ୍ୱିତୀୟ ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀକୁ ଦୃଷ୍ଟିରେ ରଖି ସଚିବ ଶ୍ରୀ ସିଂ ପ୍ରସ୍ତୁତିପର୍ବକୁ ମଧ୍ୟ ସମୀକ୍ଷା କରିଥିଲେ। ଏହି ସମ୍ମିଳନୀରେ ଦେଶ ବିଦେଶରୁ ଅନେକ ବୌଦ୍ଧ ଧର୍ମାବଲମ୍ବୀ ଯୋଗ ଦେବା ସହ ସ୍ୱର୍ଣ୍ଣିମ ତ୍ରିଭୁଜ ଯଥା ଉଦୟଗିରି, ରତ୍ନଗିରି ଓ ଲଳିତଗିରି ପରିଦର୍ଶନ କରିବେ। ସନ୍ଧ୍ୟାରେ ସଚିବ ଶ୍ରୀ ସିଂ ଯାଜପୁର ସହରରେ ନିର୍ମାଣାଧୀନ ଥିବା ସୁଉଚ୍ଚ ଧ୍ୟାନମଗ୍ନ ଶିବ ମୂର୍ତି ପ୍ରକଳ୍ପ, ବରାହପୀଠରେ ଥିବା ସଂଗ୍ରହାଳୟ ଆଦି ପରିଦର୍ଶନ କରିଥିଲେ। ଏହି ଗସ୍ତ ସମୟରେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ପ୍ରତ୍ନତତ୍ତ୍ୱ ବିଭାଗର ଅଧିକାରୀ, ବିଡ଼ିଓ, ତହସିଲଦାରଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଏବଂ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ସାର୍ବଜନୀନ ସ୍ୱାସ୍ଥ୍ୟସେବା ଦିବସ ପାଳିତ

ଯାଜପୁର,୧୨।୧୨:(ମନ୍ଥନ) ଜିଲ୍ଲା ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସମ୍ମିଳନୀ ଗୃହରେ ସାର୍ବଜନୀନ ସ୍ୱାସ୍ଥ୍ୟସେବା ଦିବସ ୨୦୨୫ ପାଳିତ ହୋଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଜୟ କୁମାର ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରତିଷେଧକ ଓ ପ୍ରତିକାରାତ୍ମକ ସ୍ୱାସ୍ଥ୍ୟସେବା ସହଜରେ ଉପଲବ୍ଧ କରାଇବା ବିଷୟକୁ ନେଇ ଆଲୋଚନା ହୋଇଥିଲା। ସମାଜର ଶେଷ ଧାଡ଼ିରେ ଥିବା ଲୋକଙ୍କ ପାଖରେ ମଧ କିଭଳି ଉତ୍ତମ ମାନର ତଥା ସୁଲଭ ସ୍ୱାସ୍ଥ୍ୟ ସେବା ପହଂଚିବ, ସେହି ଦିଗରେ ଚେଷ୍ଟିତ ହେବା ଦରକାର ବୋଲି ଡାକ୍ତର ଶ୍ରୀ ମିଶ୍ର ତାଙ୍କ ବକ୍ତବ୍ୟରେ କହିଥିଲେ। ଏହାସହ ସାର୍ବଜନୀନ ସ୍ୱାସ୍ଥ୍ୟ ସେବା ଲୋକଙ୍କ ପାଖରେ କେତେ ମାତ୍ରାରେ ପହଂଚିପାରିଛି, ସେ ସମ୍ପର୍କରେ ସମୀକ୍ଷା କରିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଡିଏମଓ ଡାକ୍ତର ମନୋଜ କୁମାର ସେନାପତି, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଗୋପାଳ ଚନ୍ଦ୍ର ମଲ୍ଲିକ, ଡାକ୍ତର ରମେଶ ଚନ୍ଦ୍ର ମଲ୍ଲିକ, ଡାକ୍ତର ଜଗତଜ୍ୟୋତି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ମୃଣ୍ମୟ

ପୃଷ୍ଠା ୦୪

ଶନିବ୍ରବାର ୧୩ ଡିସେମ୍ବର, ୨୦୨୫ ଭୁବନେଶ୍ୱର
SATURDAY 13 DECEMBER, 2025, BHUBANESWAR



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଦୀପାବଳି ୟୁନେସ୍କୋର ଅମୂର୍ତ୍ତ ସାଂସ୍କୃତିକ ଐତିହ୍ୟ ତାଲିକାରେ ସାମିଲ

ଐତିହାସିକ ଲାଲାକିଲ୍ଲାରେ ଆୟୋଜିତ ଏକ ସମାରୋହରେ, ମିଳିତ ଜାତିସଂଘ ଶିକ୍ଷାଗତ, ବୈଜ୍ଞାନିକ ଏବଂ ସାଂସ୍କୃତିକ ସଂଗଠନ (ୟୁନେସ୍କୋ) ଆନୁଷ୍ଠାନିକ ଭାବରେ ଦୀପାବଳୀ-ଭାରତୀୟ ଆଲୋକର ପର୍ବକୁ ମାନବତାର ଅମୂର୍ତ୍ତ ସାଂସ୍କୃତିକ ଐତିହ୍ୟ ତାଲିକାରେ ସ୍ଥାନିତ କରିଛି। ୟୁନେସ୍କୋର ଅମୂର୍ତ୍ତ ସାଂସ୍କୃତିକ ଐତିହ୍ୟ ସୁରକ୍ଷା ପାଇଁ ଆନ୍ତଃସରକାରୀ କମିଟିର ୨୦ତମ ଅଧିବେଶନ ସମୟରେ ଘୋଷଣା କରାଯାଇଥିବା ଏହି ନିଷ୍ପତି, ଯୋଗ, କୁମ୍ଭମେଳା ଏବଂ ଦୁର୍ଗାପୂଜାରେ ଯୋଗ ଦେଇ ଏହି ସମ୍ମାନ ପାଇବାରେ ୧୬ତମ ଭାରତୀୟ ଉପାଦାନ। ଶିଳାଲେଖଟି ଦୀପାବଳୀର ଭୂମିକାକୁ ଧାର୍ମିକ ପାଳନ ଅପେକ୍ଷା ଅଧିକ ଭାବରେ ଗୁରୁତ୍ୱାରୋପ କରେ, ଏହାକୁ ଏକ 'ସଭ୍ୟାତାମୂଳକ ଘଟଣା' ଭାବରେ ଉପସ୍ଥାପିତ କରାଯାଇଛି ଯାହା ଉପମହାଦେଶ ଏବଂ ପ୍ରବାସୀ ହିନ୍ଦୁ, ଶିଖ, ଜୈନ ଏବଂ ବୌଦ୍ଧ ସମ୍ପ୍ରଦାୟକୁ ଏକତ୍ର କରିଥାଏ। ନାମାଙ୍କନ ଡୋଜିଅର, ଭାରତ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ସବୁଠାରୁ ବ୍ୟାପକ ସାଂସ୍କୃତିକ ଉପସ୍ଥାପନ ମଧ୍ୟରୁ ଗୋଟିଏ, ଦୁଇ ସହସ୍ରାବ୍ଦୀରୁ ଅଧିକ ସମୟ ଧରି ମହୋତ୍ସବର ନିରନ୍ତରତା, ଏହାର ଆଂଚଳିକ ବିବିଧତା-ଜ୍ଞାନ ଏବଂ ସାମ୍ପ୍ରଦାୟିକ ସଦ୍ଭାବର ମୂଳ ମୂଲ୍ୟବୋଧକୁ ବଜାୟ ରଖି ଅନୁକୂଳ କରିବାର କ୍ଷମତାକୁ ଉଜ୍ଜ୍ୱଳ କରିଛି। ୟୁନେସ୍କୋର ଅମୂଲ୍ୟ ଐତିହ୍ୟୀ ପରିଭାଷା-ପିଢ଼ି ପିଢ଼ି ମଧ୍ୟରେ ପ୍ରସାରିତ ଜୀବନ୍ତ ପରମ୍ପରା-ଦୀପାବଳିର ସାର ସହିତ ଘନିଷ୍ଠ ଭାବରେ ସମନ୍ୱିତ। ଏଜେନ୍ସି ଏହି ଉତ୍ସବକୁ 'ଅନ୍ଧକାର ଉପରେ ଆଲୋକ ଏବଂ ମନ୍ଦ ଉପରେ ଭଲର ବିଜୟର ପ୍ରତୀକ' ଭାବରେ ବର୍ଣ୍ଣନା କରିଛି। ଏହି ସାର୍ବଜନୀନ ପ୍ରତୀକବାଦ ଦୀପାବଳୀକୁ ଭାରତର ସୀମା ବାହାରକୁ ନେଇଯାଇଛି, ଯାହା ବର୍ତ୍ତମାନ ଦକ୍ଷିଣ-ପୂର୍ବ ଏସିଆ, କାରିବିଆନ୍, ଆଫ୍ରିକା ଏବଂ ନ୍ୟୁୟର୍କରୁ ମେଲବୋର୍ଣ୍ଣ ପର୍ଯ୍ୟନ୍ତ ପ୍ରମୁଖ ସହରଗୁଡ଼ିକରେ ସାଧାରଣ ଅଟେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋସିଆଲ ମିଡିଆରେ ଏହି ମାନ୍ୟତାକୁ ସ୍ୱାଗତ କରି ଦୀପାବଳୀକୁ ଆମର ସଂସ୍କୃତି ଏବଂ ନୀତି ସହିତ ଅତ୍ୟନ୍ତ ଘନିଷ୍ଠ ଭାବରେ ଜଡିତ ଏବଂ ଆମ ସଭ୍ୟତାର ଆତ୍ମା ବୋଲି କହିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ ଏହି ଶିଳାଲେଖ ପର୍ବର ବିଶ୍ୱ ଦୃଶ୍ୟମାନତାକୁ ଆହୁରି ବୃଦ୍ଧି କରିବ ଏବଂ ଏହି ଉତ୍ସବର ସହିତ ଜଡିତ ଅସଂଖ୍ୟା ପ୍ରଥାଗୁଡ଼ିକୁ ସୁରକ୍ଷା ଦେବା ପାଇଁ ସରକାରୀ ସମର୍ଥନ ପ୍ରତିଶ୍ରୁତି ଦେଇଥିଲେ। ଏହି ବର୍ଷ ଆରମ୍ଭରେ ଦାଖଲ ହୋଇଥିବା ଏକ ବିସ୍ତୃତ ଡୋଜିଆର ସହିତ ଦୀପାବଳୀର ଅନ୍ତର୍ଭୁକ୍ତି ପାଇଁ ଭାରତର ପ୍ରୟାସ ଆରମ୍ଭ ହୋଇଥିଲା। ସଂସ୍କୃତି ମନ୍ତ୍ରଣାଳୟ ଏବଂ ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ସଂକଳିତ ଏହି ଡକ୍ୟୁମେଂଟରେ କାରିଗର, ବିଦ୍ୱାନ, ଧାର୍ମିକ ନେତା ଏବଂ ସମ୍ପ୍ରଦାୟର ସଦସ୍ୟଙ୍କଠାରୁ ମତାମତ ସଂଗ୍ରହ କରାଯାଇଥିଲା, ଯେଉଁଥିରେ ଦିଆ ତିଆରି ଏବଂ ରଙ୍ଗୋଲି କଳାଠାରୁ ଆରମ୍ଭ ମଣିପୁର ସଂକୀର୍ତ୍ତନର ଆନୁଷ୍ଠାନିକ ସଙ୍ଗୀତ ପର୍ଯ୍ୟନ୍ତ ସବୁକିଛି ଡକ୍ୟୁମେଂଟ କରାଯାଇଥିଲା। ଡକ୍ୟୁମେଂଟରେ ସ୍ଥାନୀୟ ହସ୍ତଶିଳ୍ପ-କୁମ୍ଭାର ମିଠା ତିଆରିକାରୀ, ବସ୍ତ୍ର ବୁଣାକାର ଏବଂ ଲୋକ କଳାର-ଏବଂ ନୈତିକି ଏବଂ ଆଧ୍ୟାତ୍ମିକ ମୂଲ୍ୟବୋଧର ବାହକ ଭାବରେ ଏହାର କାର୍ଯ୍ୟକୁ ବଜାୟ ରଖିବାରେ ମହୋତ୍ସବର ଭୂମିକା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଦିଲ୍ଲୀରେ ଛଅ ଦିନିଆ କମିଟି ଅଧିବେଶନରେ ୭୮ଟି ଦେଶର ପ୍ରତିନିଧିମାନେ ୬୭ଟି ନାମାଙ୍କନ ସମୀକ୍ଷା କରିଥିଲେ। ଲାଲକିଲ୍ଲା, ନିଜେ ଏକ ୟୁନେସ୍କୋର ବିଶ୍ୱ ଐତିହ୍ୟ ସ୍ଥଳ, ଏକ ପ୍ରତୀକାତ୍ମକ ପୃଷ୍ଠଭୂମି ଭାବରେ କାର୍ଯ୍ୟ କରିଥିଲା, ଏହି ବାର୍ତ୍ତାକୁ ଆହୁରି ଦୃଢ଼ କରିଥିଲା ଯେ ଭାରତର ଐତିହ୍ୟ ସ୍ମାରକୀ ଏବଂ ଜୀବନ୍ତ। କମିଟିର ନିଷ୍ପତି ସର୍ବସମ୍ମତ ଥିଲା, ଯାହା ନାମାଙ୍କନ ପାଇଁ ବ୍ୟାପକ ଆନ୍ତର୍ଜାତୀୟ ସମର୍ଥନକୁ ପ୍ରତିଫଳିତ କରେ। କେନ୍ଦ୍ର ସଂସ୍କୃତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱାତ ଐତିହାସିକ ଏବଂ ଗର୍ବର ବିଷୟ ଭାବରେ ପ୍ରଶଂସା କରିଥିଲେ, ଉଲ୍ଲେଖ କରିଥିଲେ ଯେ ଦୀପାବଳି 'ନିରାଶା ଉପରେ ଆଶାର ବିଜୟ, ଅଧର୍ମ ଉପରେ ଧର୍ମ ଏବଂ ଅନ୍ଧାର ଉପରେ ଆଲୋକର ବିଜୟ। ସେ ଉତ୍ସବର ବିବିଧତା ପ୍ରଦର୍ଶନ କରିବା ଏବଂ ଭବିଷ୍ୟତ ପିଢ଼ି ପାଇଁ ଏହାର ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମ-ପ୍ୟାନେଲ ଆଲୋଚନା, ହସ୍ତଶିଳ୍ପ ପ୍ରଦର୍ଶନୀ ଏବଂ ସାଂସ୍କୃତିକ ପ୍ରଦର୍ଶନର ଏକ ଶୃଙ୍ଖଳା ଘୋଷଣା କରିଥିଲେ। ଭାରତୀୟ ପ୍ରବାସୀ ସଦସ୍ୟମାନେ ମଧ୍ୟ ଉତ୍ସାହ ପ୍ରକାଶ କରିଥିଲେ। ସାମାଜିକ ଗଣମାଧ୍ୟମ ପୋଷ୍ଟଗୁଡ଼ିକ ଏହି ମାନ୍ୟତାକୁ ବିଦେଶରେ ସମ୍ପ୍ରଦାୟର ସାଂସ୍କୃତିକ ପରିଚୟର ଏକ ବୈଧତା ଭାବରେ ପାଳନ କରିଛନ୍ତି, ଅନେକ ଏହା ଉପରେ ଆଲୋକପାତ କରିଛନ୍ତି ଯେ ଦୀପାବଳୀର ନବୀକରଣ ଏବଂ ଆଶାର ବାର୍ତ୍ତା କିପରି ସଂସ୍କୃତି ମଧ୍ୟରେ ପ୍ରତିଧ୍ୱନିତ ହୁଏ। ଟଘରଝଉଙ ତାଲିକାରେ ଦୀପାବଳିର ଅନ୍ତର୍ଭୁକ୍ତି ଅନେକ ବ୍ୟବହାରିକ ଲାଭ ବହନ କରେ। ପ୍ରଥମତଃ, ଏହି ପର୍ବର ଅଦୃଶ୍ୟ ଉପାଦାନଗୁଡ଼ିକ ବିଷୟରେ ବିଶ୍ୱବ୍ୟାପୀ ସଚେତନତା ବୃଦ୍ଧି କରେ, ସୀମାପାର ସହଯୋଗ ଏବଂ ଶୈକ୍ଷିକ ଗବେଷଣାକୁ ଉତ୍ସାହିତ କରେ। ଦ୍ୱିତୀୟତଃ ଏହା କାରିଗର ଏବଂ ପାରମ୍ପରିକ ଅଭ୍ୟାସକାରୀମାନଙ୍କୁ ସମର୍ଥନ କରିବା ପାଇଁ ଆନ୍ତର୍ଜାତୀୟ ଫ

ସହାୟତା ଏବଂ ପାଣ୍ଠି ପାଇଁ ପଥ ଖୋଲିଯାଏ ଯାହାଙ୍କ ଜୀବିକା ପର୍ବର ନିରନ୍ତର ପାଳନ ଉପରେ ନିର୍ଭର କରେ। କୁଟନୈତିକ ଦୃଷ୍ଟିକୋଣରୁ, ଶିଳାଲେଖ ଭାରତର ସାଂସ୍କୃତିକ ନରମ ଶକ୍ତିକୁ ଦୃଢ଼ କରେ। ପ୍ରଥମ ଥର ପାଇଁ ଟଘରଝଉଙ କମିଟିର ଆୟୋଜନ-ଏକ କାର୍ଯ୍ୟକ୍ରମ ଯାହା ୧୮୦ରୁ ଅଧିକ ଦେଶରୁ ହଜାରରୁ ଅଧିକ ପ୍ରତିନିଧିଙ୍କୁ ଆକର୍ଷିତ କରିଥିଲା। ଭାରତକୁ ଜୀବନ୍ତ ପରମ୍ପରାକୁ ସୁରକ୍ଷା ଦେବାରେ ଏକ ନେତା ଭାବରେ ସ୍ଥାନିତ କରେ। ବୈଦେଶିକ ମନ୍ତ୍ରୀ ଏସ.ଜୟଶଙ୍କର ଯେପରି ମନ୍ତବ୍ୟ ଦେଇଥିଲେ, ଅଦୃଶ୍ୟ ଐତିହ୍ୟ ହେଉଛି ସଂସ୍କୃତିର ସବୁଠାରୁ ଗଣତାନ୍ତ୍ରିକ ପ୍ରକାଶନ, ସମସ୍ତଙ୍କ ମାଲିକାନାରେ ଏବଂ ଅନେକଙ୍କ ଦ୍ୱାରା ସୁରକ୍ଷିତ। ଯଦିଓ ଏହି ଶିଳାଲେଖଟି ଉତ୍ସବର ଏକ ମୁହୂର୍ତ୍ତ, ଏହା ଦୀପାବଳୀ ଗଠନ କରୁଥିବା ଅସଂଖ୍ୟା ପ୍ରଥାକୁ ସୁରକ୍ଷା ଦେବା ପାଇଁ ସରକାର ଏବଂ ସମ୍ପ୍ରଦାୟ, ଉଭୟଙ୍କ ଉପରେ ଦାୟିତ୍ୱ ଆରୋପ କରେ। ସଂସ୍କୃତି ମନ୍ତ୍ରଣାଳୟ ପୂର୍ବରୁ ସଙ୍ଗୀତ ନାଟକ ଏକାଡେମୀକୁ ମୌଖିକ ପରମ୍ପରାରେ ଡକ୍ୟୁମେଟେଂସନ୍, ହସ୍ତଶିଳ୍ପ କର୍ମଶାଳା ପାଇଁ ସମର୍ଥନ ଏବଂ ଆନ୍ତଃପିଢ଼ିଗତ ପ୍ରସାରଣକୁ ପ୍ରୋତ୍ସାହନ ସମେତ ସୁରକ୍ଷା ପଦକ୍ଷେପଗୁଡ଼ିକର କାର୍ଯ୍ୟାନ୍ୱୟନ ତଦାରଖ କରିବାକୁ ଅନୁରୋଧ କରିଛି। ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି ଯେ ୟୁନେସ୍କୋର ଅମୂର୍ତ୍ତ ସାଂସ୍କୃତିକ ଐତିହ୍ୟ ପାଣ୍ଠି ସହିତ ନିରନ୍ତର ସମ୍ପର୍କ, ସଂଗ୍ରହାଳୟ, ଶିକ୍ଷାନୁଷ୍ଠାନ ଏବଂ ଏନଜିଓ ସହିତ ସହଭାଗିତା ଗୁରୁତ୍ୱପୂର୍ଣ୍ଣ ହେବ। ଏହିପରି ପ୍ରୟାସ ନିଶ୍ଚିତ କରିପାରିବ ଯେ ଦୀପାବଳିର ଇନ୍ଦ୍ରିୟଗତ ସମୃଦ୍ଧି-ତେଲ ଦୀପର ଆଲୋକ, ମିଠାର ସୁଗନ୍ଧ, ଢୋଲର ତାଳ, ଆଗାମୀ ପିଢ଼ି ପାଇଁ ଉଜ୍ଜ୍ୱଳ ରହିବ। ୟୁନେସ୍କୋର ଅମୂର୍ତ୍ତ ଐତିହ୍ୟ ତାଲିକାରେ ଦୀପାବଳିର ପ୍ରବେଶ ଏକ ପ୍ରତୀକାତ୍ମକ ପ୍ରଶଂସା ଅପେକ୍ଷା ଅଧିକ, ଏହା ଏକ ଜୀବନ୍ତ, ଶ୍ୱାସକ୍ରିୟା ପରମ୍ପରାର ସ୍ୱୀକୃତି ଯାହା ସହସ୍ରାବ୍ଦ ଧରି ଘର, ହୃଦୟ ଏବଂ ସମାନକୁ ଆଲୋକିତ କରିଆସିଛି। ପ୍ରଧାନମନ୍ତ୍ରୀ ମୋଦି ଯଥାର୍ଥ ଭାବରେ କହିଛନ୍ତି ଯେ, ଏହି ଉତ୍ସବ ଆଲୋକସଜ୍ଜା ଏବଂ ଧାର୍ମିକତାକୁ ପ୍ରତିନିଧିତ୍ୱ କରେ। ବିଶ୍ୱ ଏବେ ଦିପାବଳୀର ସାଂସ୍କୃତିକ ମହତ୍ୱକୁ ଆନୁଷ୍ଠାନିକ ଭାବରେ ସ୍ୱୀକାର କରିବା ସହିତ, ଭାରତ ମାନବଜାତି ସହିତ ଏହାର ଆଲୋକ ବାଂଟିବାକୁ ପ୍ରସ୍ତୁତ ଏବଂ ଏହି ପର୍ବକୁ ଆଶା, ଏକତା ଏବଂ ସହଭାଗୀ ମାନବିକତାର ଏକ କାଳଜୟୀ ଉତ୍ସବ କରୁଥିବା ଅଗଣିତ ସୂତ୍ରଗୁଡ଼ିକୁ ସୁରକ୍ଷା ଦେବାକୁ ମଧ୍ୟ ପ୍ରତିଶ୍ରୁତିବଦ୍ଧ।

# ସଂସ୍କୃତି, ଶିକ୍ଷା ଏବଂ ମାନବିକତା

**ଗୌରୀ ଶଙ୍କର ପଟ୍ଟନାୟକ**

ସଂସ୍କୃତି, ଶିକ୍ଷା ଓ ମାନବିକତା ମାନବ ଜୀବନର ତିନିଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଆଧାର। ଏହି ତିନି ଦିଗ ମିଶି ମାନବ ଚିନ୍ତାଧାରା, ଆଚରଣ, ମୂଲ୍ୟବୋଧ ଓ ଜୀବନ ଶୈଳୀକୁ ଗଢ଼ି ତୋଳେ। ଏହା ମାନବ ଜୀବନକୁ ଅନ୍ତର୍ଗତ ଓ ବାହ୍ୟ ଦୁଇ ଦିଗରେ ଉନ୍ନତ କରିଥାଏ।



ସଂସ୍କୃତି ହେଉଛି ଏକ ସମାଜର ଆତ୍ମା। ଏହା ମାନବ ଜୀବନର ଆଚାର, ଆଦର୍ଶ, ଭାଷା, ଉତ୍ସବ, ଚିନ୍ତାଧାରା ଓ ଆନ୍ତରିକ ମୂଲ୍ୟବୋଧର ପ୍ରତିବିମ୍ବ। ସଂସ୍କୃତି ମାନବକୁ ତାଙ୍କର ଅସ୍ତିତ୍ୱ, ଐତିହ୍ୟ ଓ ଜନ୍ମଭୂମି ସହ ଏକ ଗଭୀର ସମ୍ପର୍କ ଦେଇଥାଏ। ଏହି ସଂସ୍କୃତି ମାଧ୍ୟମରେ ମାନବ ତାଙ୍କର ଜୀବନ ଶୈଳୀ, ଆଚରଣ ଓ ଦୃଷ୍ଟିକୋଣକୁ ଗଢ଼ି ତୋଳେ।

ଶିକ୍ଷା ହେଉଛି ଏହି ସଂସ୍କୃତିକୁ ଅନୁସୂଚିତ କରିବା ଓ ପ୍ରସାର କରିବାର ମାଧ୍ୟମ। ଶିକ୍ଷା ମାନବକୁ ବିଶ୍ୱକୁ ବୁଝିବା, ସମସ୍ୟା ସମାଧାନ କରିବା ଓ ସମାଜରେ ଉପଯୋଗୀ ଭାବେ ଅବଦାନ ଦେବାକୁ ସକ୍ଷମ କରେ। ଏହା ମାନବ ମୂଲ୍ୟବୋଧ, ଦୃଷ୍ଟିକୋଣ ଓ ନିଜ ଦାୟିତ୍ୱ ବିଷୟରେ ଜାଗୃତି ଆଣିଥାଏ। ଯେଉଁଠି ଶିକ୍ଷା ସଂସ୍କୃତିକୁ ଅନୁସାରଣ କରେ, ସେଠି ଶିକ୍ଷା ମାନବ ଚରିତ୍ର ଓ ନୈତିକତା ଉପରେ ଗଢ଼ି ତୋଳାଯାଏ।

ମାନବିକତା ହେଉଛି ଏହି ଦୁଇ ଆଧାରର ଫଳ। ଯେଉଁ ମାନବ ନିଜ ସଂସ୍କୃତି ଓ ଶିକ୍ଷା ଦ୍ୱାରା ଜାଗୃତ ହୁଏ, ସେ ମାନବିକ ମୂଲ୍ୟବୋଧ, ଦୟା, ସହଯୋଗ, ନିଷ୍ଠା ଓ ନୀତିରେ ଅଗ୍ରଗାମୀ ହୁଏ। ମାନବିକତା ମାନବ ଜୀବନର ଗଭୀରତା ଓ ଉଦ୍ଦେଶ୍ୟକୁ ପ୍ରକାଶ କରେ। ଏହା ମାନବ ମଧ୍ୟରେ ଏକତା, ସମ୍ବେଦନା ଓ ଶାନ୍ତି ଆଣିଥାଏ।ଆଜିର ବିଶ୍ୱ ଯେଉଁଠି ବୈଜ୍ଞାନିକ ଓ ଯାନ୍ତ୍ରିକ ଉନ୍ନତି ଦୃତ ଗତିରେ ହେଉଛି, ସେଠି ମାନବିକତା ଓ ସଂସ୍କୃତିକ ମୂଲ୍ୟବୋଧ ଅନେକଥିରେ ଅଦେଖା ହେଉଛି। ଏହି ପରିସ୍ଥିତିରେ ଶିକ୍ଷାକୁ ଏଭଳି ଭାବେ ଗଠନ କରିବା ଦରକାର, ଯାହା ମାନବକୁ ତାଙ୍କର ଅସ୍ତିତ୍ୱ, ଦାୟିତ୍ୱ ଓ ମୂଲ୍ୟବୋଧ ସହ ଜଡି ରଖିପାରିବ।ଏହି ତିନି ଆଧାର—ସଂସ୍କୃତି, ଶିକ୍ଷା ଓ ମାନବିକତା—ମିଶି ଏକ ଦୟାଳୁ, ଜ୍ଞାନମୟ ଓ ଉନ୍ନତ ସମାଜ ଗଢ଼ିପାରିବା। ତେଣୁ ଏହାକୁ ଗଭୀର ଭାବେ ବୁଝିବା ଓ ଅନୁପ୍ରୟୋଗ କରିବା ଆବଶ୍ୟକ।

ଆଧୁନିକ ପାଠ୍ୟକ୍ରମକୁ ଦେଶୀୟ ଐତିହ୍ୟ, ଭାଷା, ଲୋକସଂସ୍କୃତି, ନୈତିକ ଶିକ୍ଷା ଓ ଜୀବନ ଦକ୍ଷତା ଉପରେ ଗଭୀର ଗବେଷଣା କରିନଥିବାରୁ ଛାତ୍ରଛାତ୍ରୀମାନେ ନିଜ ସଂସ୍କୃତି ସହ ଅପରିଚିତ ହେଉଛନ୍ତି। ବିଦେଶୀ ଭାଷା, ପୋଷାକ ଓ ଜୀବନ ଶୈଳୀକୁ ଅନୁସରଣ କରିବାକୁ ଅଧିକ ପସନ୍ଦ କରୁଛନ୍ତି। ଏହା ଦ୍ୱାରା ଦେଶୀୟ ମୂଲ୍ୟବୋଧ ଓ ଐତିହ୍ୟ ଦୂର୍ବଳ ହେଉଛି।ଏହି ବିକୃତିକରଣର ମୂଳ କାରଣ ହେଉଛି ପାଠ୍ୟକ୍ରମରେ ସଂସ୍କୃତିକ ଅନୁଶୀଳନର ଅଭାବ। ଗତ କିଛି ଦଶକରେ ଶିକ୍ଷା ପ୍ରଣାଳୀ ବେଶି ରାଜନୈତିକ ଓ ବୈଶ୍ୱିକ ଚାପରେ ଚାଲିଛି। ଦେଶୀୟ ଭାଷା ଓ ସାହିତ୍ୟକୁ ଅନୁଦାନ ଦେବା ପ୍ରତି ଅନାଗ୍ରହ ଦେଖାଯାଉଛି। ଏହା ଛାତ୍ରଛାତ୍ରୀଙ୍କ ମନରୁ ନିଜ ମାଟି, ନିଜ ଭାଷା ଓ ନିଜ ଐତିହ୍ୟ ପ୍ରତି ଆଗ୍ରହ କମାଇ ଦେଉଛି।ଏହି ସମସ୍ୟାର ସମାଧାନ ପାଇଁ ଆମେ ପାଠ୍ୟକ୍ରମକୁ ପୁନଃ ମୂଲ୍ୟାୟନ କରିବା ଆବଶ୍ୟକ। ସ୍କୁଲ ଓ କଲେଜ ଶିକ୍ଷାରେ ଦେଶୀୟ ସଂସ୍କୃତି, ଐତିହ୍ୟ, ଲୋକକଳା, ଲୋକସାହିତ୍ୟ, ନୈତିକ ଶିକ୍ଷା ଓ ଜୀବନ ଦକ୍ଷତାକୁ ସମ୍ମିଳିତ କରିବା ଦରକାର। ଛାତ୍ରଛାତ୍ରୀମାନେ ଯେଉଁବେଳେ ନିଜ ସଂସ୍କୃତି ସହ ଗଭୀର ସମ୍ପର୍କ ଅନୁଭବ କରିବେ, ସେମାନେ ଏହାକୁ ଗର୍ବର ସହିତ ଅନୁସରଣ କରିବେ।

ସଂସ୍କୃତି ଏକ ଜୀବନ ଶୈଳୀ ହେବା ସତ୍ତ୍ୱେ ଏହାକୁ ଶିକ୍ଷା ମାଧ୍ୟମରେ ଅନୁସୂଚିତ କରିବା ଦ୍ୱାରା ଏହାର ଗଭୀରତା ବୁଝିପାରିବା। ଏହି ଦିଗରେ ଶିକ୍ଷା ଏବଂ ସଂସ୍କୃତି ମିଶି ଏକ ଦୃଢ଼ ଓ ମୂଲ୍ୟବାନ ସମାଜ ଗଢ଼ିପାରିବା। ତେଣୁ ଆମେ ଆଜିର ପାଠ୍ୟକ୍ରମକୁ ଏଭଳି ଭାବେ ଗଠନ କରିବା ଉଚିତ୍, ଯାହା ଛାତ୍ରଛାତ୍ରୀଙ୍କୁ ବିଶ୍ୱନାଗରିକ ଭାବେ ତିଆରି କରିବା ସହିତ ସେମାନଙ୍କୁ ନିଜ ମୂଳ ଓ ମୂଲ୍ୟବୋଧ ସହ ଜଡି ରଖିପାରିବ।

ମହା ପ୍ରବନ୍ଧକ (କ୍ୱାଲିଟିକଣ୍ଟ୍ରୋଲ),
ଜେକେ କାଗଜ କଳ ,ଜେକେପୁର

# ଜମି ମାଲିକାନା କୃଷକ ହାତକୁ ଯାଉ

**ଗଙ୍ଗାଧର ସାମଲ**

ଓଡ଼ିଶାରେ ପ୍ରାୟ ୭୫ ପ୍ରତିଶତ ଅଧିବାସୀ ଗ୍ରାମାଞ୍ଚଳରେ ବାସ କରନ୍ତି। ସେଥିମଧ୍ୟରୁ ୬୫ ପ୍ରତିଶତ କେବଳ କୃଷିଜୀବୀ। ଗ୍ରାମାଞ୍ଚଳରେ ଅଧିକାଂଶ ଗରିବ ବାସ କରନ୍ତି। ସେମାନଙ୍କ ମଧ୍ୟରୁ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ୩୧ ପ୍ରତିଶତ ଲୋକ ମଧ୍ୟ ଗ୍ରାମାଞ୍ଚଳରେ ବାସ କରନ୍ତି। ସୁଖର କଥା ଯେ କୃଷିର ବିକାଶ ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି। କୃଷି ବିଭାଗ ପକ୍ଷରୁ କୁହାଯାଇଛି ଯେ କୃଷି ଉତ୍ପାଦନ ଦୁଇଗୁଣ ବୃଦ୍ଧି ହୋଇଛି ଏବଂ ଓଡ଼ିଶା ଏ ଦିଗରେ ପ୍ରଥମ। ଜଳସେଚନ ସୁବିଧା ମଧ୍ୟ ଗତ ୩-୪ ବର୍ଷ ମଧ୍ୟରେ ବୃଦ୍ଧି ପାଇଛି ଏବଂ ଆସନ୍ତା ତିନି ବର୍ଷ ମଧ୍ୟରେ ଅଧିକ ୬ଲକ୍ଷ ହେକ୍ଟର ଚାଷ ଜମିକୁ ଜଳସେଚନ ସୁବିଧା ଦିଆଯିବ। ଦୀର୍ଘଦିନର ଆଶା ପୂର୍ଣ୍ଣ ହେବ ରେଙ୍ଗାଲି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ। ଆସନ୍ତା ବର୍ଷଠାରୁ ଏଥିରୁ ଚାଳିଶ ହଜାର ହେକ୍ଟର ଜଳସେଚିତ ହେବ। ଏସବୁରୁ ସୂଚନା ମିଳୁଛି ଯେ ଗ୍ରାମାଞ୍ଚଳର ଦାରିଦ୍ର୍ୟ ହ୍ରାସ ପାଉଛି କିନ୍ତୁ ଅସଲ କଥା ହେଉଛି ଯେ ରାଜ୍ୟରେ କୃଷିର ବିକାଶ ଅନ୍ୟ ରାଜ୍ୟମାନଙ୍କ ସହିତ ସମକକ୍ଷ ନହେବାର କାରଣ ହେଉଛି ଯେ ରାଜ୍ୟର ୮୫ ଭାଗ ନାମକୁମାତ୍ର ଚାଷୀ ଅଛନ୍ତି ଏବଂ ଅନ୍ୟ ସମସ୍ତେ ଜମିର ମାଲିକ। ଯେଉଁମାନେ ଜମିର ମାଲିକ ନୁହନ୍ତି ସେମାନଙ୍କ ହାତରେ ଚାଷର ଦାୟିତ୍ୱ ରହୁଥିବାରୁ କୃଷି ବିକାଶ ନିମନ୍ତେ ନାମକୁମାତ୍ର ଚାଷୀମାନେ ଅଧିକ ଜମିକୁଜଳଯୋଗାଣ, ଉତ୍ତମ ବିହନ ପ୍ରୟୋଗ, ଅଧିକ ସାର ବିନିଯୋଗ ଓ କୀଟନାଶକ ବ୍ୟବହାର ପାଇଁ ନାମକୁ ମାତ୍ର ଚାଷୀମାନଙ୍କ ହାତରେ ଅର୍ଥ ନାହିଁ। ତେଣୁ ଏହି ନାମକୁମାତ୍ର ଚାଷୀମାନେ ସରକାରୀ ସୂତ୍ରରୁ ହେଉ ବା ବ୍ୟବସାୟୀ ସୂତ୍ରରୁ ହୋଇ ଋଣ କରିବାକୁ ବାଧ୍ୟ ହୁଅନ୍ତି ଅଧିକ ଅମଳ କରିବା ପାଇଁ।

ଓଡ଼ିଶା ହେଉଛି ଏକମାତ୍ର ଖାଉଟି ରାଜ୍ୟ ଯେଉଁଠାରେ ଅଧିକ ଲୋକ ରାଜ୍ୟ ବାହାରୁ ଆସୁଥିବା ସାମଗ୍ରୀ ଉପରେ ନିର୍ଭର କରନ୍ତି। ଧାନ, ମକା, କିଛି ପରିବା, ଦୁଗ୍ଧ, କିଛି ଫଳମୂଳ ବାଦ ଦେଇ ଆଉ ସବୁ ଜିନିଷ ବାହାର ରାଜ୍ୟରୁ ଓଡ଼ିଶାକୁ ଆସିଥାଏ। ଓଡ଼ିଶାର କୃଷକମାନଙ୍କ ମଧ୍ୟରେ ୮୫ଭାଗ ଲୋକ ନାମକୁମାତ୍ର ଚାଷୀ ହେଉଥିବାରୁ କୃଷି ଉତ୍ପାଦନ ସେମାନଙ୍କର ଆର୍ଥିକ ଅବସ୍ଥା ଓ ଜଳ, ସାର, ଉତ୍ତମ ବୀଜ ଇତ୍ୟାଦିର ପ୍ରୟୋଗ ଉପରେ ନିର୍ଭର କରେ। ଏହି ନାମକୁ ମାତ୍ର ଚାଷୀମାନଙ୍କ ହାତରେ ଅର୍ଥ ନାହିଁ ଯଦ୍ୱାରା ସେମାନେ କୃଷି ଅଧିକ ଉତ୍ପାଦନକ୍ଷମ କରିବା ପାଇଁ ଋଣ ଆଣି ତାହାର ସଦୁପଯୋଗ କରିବେ। ଯେଉଁ କେତେକ କୃଷକ ଋଣ ପରିଶୋଧ କରିନପାରି ଆତ୍ମହତ୍ୟା କରୁଛନ୍ତି ସେମାନଙ୍କର ପରିବାରର ଆବଶ୍ୟକତା ଧାନ ଓ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି କରି ପରିଶୋଧ କରିବା ସମ୍ଭବ ହେଉନାହିଁ। ବନ୍ୟା, ବାତ୍ୟା, ମରୁଡ଼ି ଯୋଗୁଁ ଫସଲ ନଷ୍ଟ ହେଉଛି। ଏହାର ସ୍ଥାୟୀ ପ୍ରତିକାର ହେଉନାହିଁ। ଫଳ, ପରିବା, ମାଛ, ଅଣ୍ଡା, କୁକୁଡ଼ା ଓ ଅନ୍ୟାନ୍ୟ ଘରକରଣା ସମାଗ୍ରୀ, ଲୁଗା, ଲୁଙ୍ଗି, ଗାମୁଛାର ଇତ୍ୟାଦି ପ୍ରାୟ ଜିନିଷ ଓଡ଼ିଶାବାସୀଙ୍କୁ କ୍ରୟ କରିବାକୁ ପଡ଼ିଥାଏ। ଫଳରେ ଧାନ, ମକା ଆଉ ଅନ୍ୟାନ୍ୟ କିଛି ସାମଗ୍ରୀ ବିକ୍ରି କରି ସେମାନେ ଯାହା ଉପାର୍ଜନ କରନ୍ତି ବାହାରୁ ଆସୁଥିବା ସାମଗ୍ରୀ କ୍ରୟ କରିବା ଦ୍ୱାରା ହାତରେ ଅର୍ଥ ରହେନାହିଁ। ଗତ କେତେବର୍ଷ ଧରି ଚାଷୀମାନଙ୍କର ଆୟ ଦୁଇଗୁଣ ବଢୁଥିବାରୁ ଆତ୍ମହତ୍ୟା କରୁଥିବା ଚାଷୀମାନଙ୍କର ସଂଖ୍ୟା କମିଛି ଏବଂ ତା ସହିତ ଚାଷୀମାନଙ୍କର ସମସ୍ୟା ମଧ୍ୟ କେତେକାଂଶରେ ସମାଧାନ ହୋଇଥିବ।

କିନ୍ତୁ ମୂଳକଥା ହେଉଛି ଯେ ଓଡ଼ିଶା୮୫ ପ୍ରତିଶତ ଚାଷୀ ଯଦି ନାମକୁମାତ୍ର ଚାଷ ଉପରେ ନିର୍ଭର କରୁଛନ୍ତି ତେବେ କୃଷି ଉତ୍ପାଦନ ବୃଦ୍ଧି କରିବା ସତ୍ତ୍ୱେ ସମସ୍ୟାର ସମାଧାନ ହୋଇପାରୁନାହିଁ। ମୂଳ ପ୍ରସଙ୍ଗ ହେଉଛି ଯେ ଭାଗଚାଷୀଙ୍କ ସଂଖ୍ୟା ବଢୁଥିବାରୁ ଏବଂ ପ୍ରକୃତ ଚାଷୀଙ୍କ ହାତରେ ଜମି ନଥିବାରୁ ଜମିରୁ ଅଧିକ ଫସଲ ଉତ୍ତାରିବା ପାଇଁ ଋଣକରି ଜଳ, ବିହନ, ସାର କ୍ରୟ କରିବା ପାଇଁ ସେ ସାହାସ କରିପାରୁନାହିଁ। କାରଣ ଓଡ଼ିଶାରେ ବନ୍ୟା, ମରୁଡ଼ି, ବାତ୍ୟା ଗୋଟିଏ ପରେ ଗୋଟିଏ ଲାଗି ରହିଥାଏ। ଏଥିରୁ ବୁଝିବାକୁ ହେବ ଯେ ଭାଗଚାଷ ପ୍ରଥାର ସଂସ୍କାର ଜରୁରୀ ଏବଂ ଚାଷୀ ଯେ ପର୍ଯ୍ୟନ୍ତ ଜମିର ମାଲିକ ହୋଇନାହିଁ, ସେ ପର୍ଯ୍ୟନ୍ତ ସେ ଚାଷ ପାଇଁ ସବୁ ସମ୍ବଳ ଖର୍ଚ୍ଚ କରିପାରିବନାହିଁ। ଗତ ଦଶବର୍ଷ ମଧ୍ୟରେ ଯଦି ଆମ୍ବ, ସପେଟା, ଲିଚୁ, ଅମୃତଭଣ୍ଡା ଇତ୍ୟାଦି ଉତ୍ପାଦନ ଆଶାନୁରୂପ ବଢ଼ିଥାଏ ଏବଂ ସେହିପରି ମାଛ, କୁକୁଡ଼ା, ଅଣ୍ଡା ଇତ୍ୟାଦିର ଆମଦାନୀ କିଛି ପରିମାଣରେ କମିଥାଏ ତେବେ ଚାଷୀକୁ ତା ସମସ୍ୟା ପାଇଁ ଦୋଷ ଦେଇହେବନାହିଁ। କାରଣ ତା ପାଖରେ ଅର୍ଥ ନାହିଁ କି ସେ ଜମିର ମାଲିକ ନୁହେଁ। ଗତ ୨-୩ ବର୍ଷ ଧରି ଚାଷୀମାନଙ୍କୁ ସ୍ୱାସ୍ଥ୍ୟବୀମା ଯୋଗାଇ ଦିଆଯାଉଛି ଏବଂ ଏହା ଏକ ସକରାତ୍ମକ ପଦକ୍ଷେପ। କିନ୍ତୁ ପ୍ରାକୃତିକ ବିପତ୍ତିରୁ ଚାଷୀକୁ ଯେଉଁସବୁ ସମସ୍ୟାକୁ ସାମନା କରିବାକୁ ପଡୁଛି ସେ ବିଷୟରେ ସମାଧାନର ଶକ୍ତି ତା ହାତରେ ନାହିଁ। ବଳକା ଫଳମୂଳ ସାଇତି ରଖିବା ପାଇଁ ଶୀତଳଭଣ୍ଡାର ଅଭାବ ରହିଛି। ଫଳ ପ୍ରକ୍ରିୟାକରଣ ମଧ୍ୟ ସହଜ ହେଉନାହିଁ। ଜଳସେଚନର ସୁବ୍ୟବସ୍ଥା ଉତ୍ତମ ବିହନ, କୀଟନାଶକ ଓ ସାର ଉପଯୋଗ ପାଇଁ ତା ହାତରେ ଯଦି କିଛି ପାଣ୍ଠି ନରହେ ତେବେ କୃଷିର ସହିତ ଆନୁସଙ୍ଗିକ ଧନ୍ଦାଗୁଡ଼ିକର ବିକାଶ କରିବା ସମ୍ଭବ ହେବନାହିଁ। ତାହା ନହେଲା ପର୍ଯ୍ୟନ୍ତ ଗ୍ରାମାଞ୍ଚଳରୁ ଦାରିଦ୍ର୍ୟ ଦୂରୀକରଣ ଦୂର କରିବା ସମ୍ଭବ ନୁହେଁ।

ଅନେକ ବର୍ଷ ପରେ ରାଜ୍ୟରେ ନବଗଠିତ ଡବଲ ଇଞ୍ଜିନ ସରକାର କୃଷି କ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ରାଜ୍ୟର ଭାଗଚାଷୀମାନଙ୍କ ସ୍ୱାର୍ଥକୁ ଜଗିବେ ସରକାର। ଆଣିବେ ନୂଆ ଆଇନ। ଜମି ନଥାଇ ମଧ୍ୟ ସେମାନେ ଋଣ ପାଇପାରିବେ। ଓଡ଼ିଶା ଭଳି ପ୍ରାକୃତିକ ଦୁର୍ବିପାକ ପ୍ରବଣ ରାଜ୍ୟରେ ବିପର୍ଯ୍ୟୟରେ ଫସଲହାନି ହେଲେ ଇନପୁଟ ସବସିଡ଼ି ସହ ବୀମାରାଶି ମଧ୍ୟ ପାଇବାକୁ ହକଦାର ହେବେ। ଏଥିପାଇଁ ସରକାର ନୀତି ଆୟୋଗ ଢାଞ୍ଚାରେ ନୂଆ ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ଅଣ୍ଟା ଭିଡ଼ି ଚିଠା ବିଲ ପ୍ରସ୍ତୁତ କରିଛନ୍ତି। ଏ ଚିଠା ପ୍ରାଥମିକ ପର୍ଯ୍ୟାୟରେ ଅଛି। ଖୁବ ଶୀଘ୍ର ସରକାର ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ଯାଉଛନ୍ତି। ଏହା ସହ ଏହି ଯୋଜନାକୁ ସଫଳ କରିବା ପାଇଁ ସରକାର ରାଜ୍ୟର ଚାଷୀ ଓ ଭାଗଚାଷୀଙ୍କ ମତାମତ ଲୋଡ଼ିଲେ। ଜମି ମାଲିକଙ୍କ ମତ ଲୋଡ଼ିବା ପରେ ସରକାର ଏ ନେଇ ଆଗେଇବା ପାଇଁ ଯାଉଛନ୍ତି।

ଏଠାରେ ସୂଚାଉଛୁ କି ଯେ, ଭାଗଚାଷୀମାନଙ୍କୁ ସରକାରୀ ସୁବିଧା ସୁଯୋଗ ଯୋଗାଇଦେବାକୁ ଏହା ପୂର୍ବରୁ ରାଜ୍ୟ ସରକାରଙ୍କ ଆଇନରେ ସେଭଳି କିଛି ବ୍ୟବସ୍ଥା ନଥିଲା। ପ୍ରାକୃତିକ ବିପର୍ଯ୍ୟୟ ପରେ ଯାହାକିଛି ରାଜସ୍ୱ ବିଭାଗ ଇନପୁଟ ସବସିଡ଼ି ଆକାରରେ ସହାୟତା ଦେଇଥାଏ। ମାତ୍ର ଭାଗଚାଷୀଙ୍କ ପାଇଁ କିଛି ଆଇନ ନଥିବାରୁ ଏହାର ଲାଭ ଜମି ମାଲିକମାନେ ପାଇଥାନ୍ତି। ରାଜ୍ୟ ସରକାରଙ୍କ ୨୦୧୫-୧୬ କୃଷି ଗଣନା ଦର୍ଶାଉଛି, ରାଜ୍ୟରେ ୪୮ ଲକ୍ଷ ୬୫ ହଜାର ୮୫୦ ଚାଷୀ ଅଛନ୍ତି। ସେମାନଙ୍କ ମଧ୍ୟରେ ୯୫ ହଜାର ୧୮୪ ଭାଗଚାଷୀଙ୍କୁ ଚିହ୍ନଟ କରାଯାଇଛି। ମାତ୍ର ବେସରକାରୀ କୃଷକ ସଂଗଠନଙ୍କ ଦାବି ରାଜ୍ୟରେ ଭାଗ ଚାଷୀଙ୍କ ସଂଖ୍ୟା ୧୫ ଲକ୍ଷ ଡେଇଁ ଯିବ ବୋଲି ମତ ରଖୁଛନ୍ତି। ଭାଗଚାଷୀଙ୍କୁ ଋଣ ଯୋଗାଇବାକୁ 'ବଳରାମ' ଯୋଜନା ଆଣିଥିଲେ। ମାତ୍ର ଏ ଯୋଜନାର ସୁଫଳ ଭାଗଚାଷୀଙ୍କୁ ବିଶେଷ ମିଳୁନି। ଭାଗଚାଷୀମାନେ ମିଳିତ ଦେୟ ଗୋଷ୍ଠୀ ଗଠନ କରି ଏହି ଋଣ ପାଇଁ ଆବେଦନ କରୁଛନ୍ତି। ଏଥିରେ ଯାହା ଋଣ ମିଳୁଛି ତାହା ସମୁଦ୍ରକୁ ଶଙ୍ଖେ। ଗୋଟିଏ ଗୋଷ୍ଠୀ ସର୍ବାଧିକ ୨ଲକ୍ଷ ଟଙ୍କା ଋଣ ପାଇବାର ନିୟମ ରହିଛି। ଜାତୀୟକରଣ କିମ୍ବା ଘରୋଇ ବ୍ୟାଙ୍କଗୁଡ଼ିକ 'ବଳରାମ'ରେ ଋଣ ଦେବାକୁ କୁନ୍ଥୁକୁନ୍ଥୁ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶାର ଲୋକପ୍ରିୟ ସରକାର ଏକ ପାଇଲଟ ପ୍ରକଳ୍ପ ଆରମ୍ଭ କରିଛନ୍ତି।

ନୂଆ ସରକାର ଚାଷ ଓ ଚାଷୀଙ୍କୁ ଅଗ୍ରାଧିକାର ଦେଇ 'ସମୃଦ୍ଧ କୃଷକ ଯୋଜନା'ରେ ୬ ହଜାର କୋଟି ଖର୍ଚ୍ଚ କରିବାକୁ ପାଣ୍ଠି ବରାଦ କରିଛନ୍ତି। ଏହି ଯୋଜନା ଅନୁଯାୟୀ ୩୮ଲକ୍ଷ ଚାଷୀଙ୍କୁ ୨୧ ହଜାର କୋଟି ଫସଲ ଋଣ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ସରକାର ବ୍ୟାଙ୍କ ଋଣ ସହ ଧାନ ବିକ୍ରି କରିବାକୁ ମଧ୍ୟ ପଞ୍ଜୀକରଣ ବେଳେ ଭାଗ ଚାଷୀଙ୍କୁ ସହାୟତା କରିବା ପାଇଁ ସ୍ୱତନ୍ତ୍ର ସେଲ ଗଠନ କରିଛନ୍ତି। ଏଠାରେ ଆମେ କହି ରଖୁ କି ଯେ, ଭାଗଚାଷୀ ମାଲିକଙ୍କ ନିକଟରୁ ବର୍ଷକ ପାଇଁ ଚାଷଜମି ଲିଜରେ ନେଇଥାନ୍ତି। ସେ ଦୁଇଜଣଙ୍କ ରାଜିନାମା ଅନୁଯାୟୀ ଏଥିପାଇଁ ଧାନ ଫସଲରୁ ଅଧା ଓ ରବି ଫସଲର ଦୁଇ ପଞ୍ଚମାଂଶ ଜମି ମାଲିକଙ୍କୁ ଦେବାକୁ ପଡ଼ିଥାଏ। ଭାଗଚାଷୀ ପ୍ରାକୃତିକ ବିପର୍ଯ୍ୟୟର କ୍ଷତି ସହେ। ଅଭାବୀ ବିକ୍ରିର ଶିକାର ହୁଏ। ପ୍ରଧାନମନ୍ତ୍ରୀ ଫସଲ ବୀମାରେ ସାମିଲ ହୋଇପାରିନଥାଏ। ଏହାବାଦ ନିଜ ନାମରେ ଜମି ପଟ୍ଟା ନଥିବାରୁ ସରକାରୀ ସୁବିଧା କିମ୍ବା କ୍ଷତିପୂରଣ ପାଇପାରୁନି।

ଭାଗଚାଷୀ ଆଇନ ଚିଠା ବିଲ ପ୍ରସ୍ତୁତି ବେଳେ ସରକାର ସ୍ଥିର କରିଥିଲେ, ଓଡ଼ିଶା ଲ୍ୟାଣ୍ଡ ରିଫର୍ମ ଆକ୍ଟ-୧୯୬୦ରେ ସରକାର ସଂଶୋଧନ ଆଣିବେ। ଜମି ମାଲିକମାନଙ୍କ ସହ ଭାଗଚାଷୀମାନେ ଏକ ଚୁକ୍ତି କରିବେ। ଉଭୟଙ୍କ ସ୍ୱାର୍ଥକୁ ସୁହାଇଲା ଭଳି ସରକାରୀ ଫର୍ମାଟରେ ଏ କାଗଜପତ୍ର କାମ ହେବ। ସରପଞ୍ଚଙ୍କ ଉପସ୍ଥିତିରେ ଉଭୟ ପକ୍ଷ ଏଥିରେ ସ୍ୱାକ୍ଷର କରିବେ। ଏହାର ବୈଧତାକୁ ଆବଶ୍ୟକ ସ୍ଥଳେ ଯାଞ୍ଚ କରିବାକୁ ଏହାର ନକଲ ରାଜସ୍ୱ ନିରୀକ୍ଷକ ଏବଂ ତହସିଲ ଅଫିସରେ ରଖାଯିବ। ନୂଆ ବ୍ୟବସ୍ଥାରେ ଜମି ମାଲିକଙ୍କ ହାତରୁ ଜମି ଭାଗଚାଷୀ ନିକଟକୁ ଚାଲିଯିବନି କିମ୍ବା ଭାଗଚାଷୀ ମଧ୍ୟ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହେବେନି। ଖୁବ ଶୀଘ୍ର ସରକାରୀ ଭାବେ ଏକ ଚିଠା ବିଲ ପ୍ରସ୍ତୁତ ହେବାକୁ ଯାଉଛି ଯାହାଦ୍ୱାରା ସରକାର ଭାଗଚାଷୀଙ୍କ ସ୍ୱାର୍ଥର ସୁରକ୍ଷା କରିପାରିବେ ଏବଂ ଓଡ଼ିଶାରେ ଏହି ସ୍ୱତନ୍ତ୍ର ଆଇନ ଅନ୍ତର୍ଭୁକ୍ତ ଭାଗଚାଷୀମାନେ ଚାଷ ବାସରେ ଯଥେଷ୍ଟ ଅଗ୍ରଗତି କରି ଓଡ଼ିଶାର କୃଷି କର୍ମଣ କ୍ଷେତ୍ରରେ ନିଜ ଭାଗିଦାରୀତାକୁ ବଢ଼ାଇ ପାରିବେ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୮୩୨୮୯୪୮୬୪୩ / ୯୪୩୭୨୨୬୬୪୭

# ସଂଘନୀତି

**ଶ୍ରୀ ସଚ୍ଚିଦାନନ୍ଦ ନନ୍ଦ**

ଭଗବାନ ବୁଦ୍ଧ ସଂଘ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ସେତେବେଳେ ସଂଘ କହିଲେ ବୌଦ୍ଧଧର୍ମ ଅବଲମ୍ବନ କରିଥିବା ବିରାଟ ସମ୍ପ୍ରଦାୟକୁ ବୁଝାଉଥିଲା। କୁହାଯାଉଥିଲା, ସଂଘର ସର୍ବୋଚ୍ଚ ଉପାସ୍ୟ ବୁଦ୍ଧଙ୍କ ଶରଣାପନ୍ନ ହୁଅ। ବୁଦ୍ଧଙ୍କ ପ୍ରଦତ୍ତ ନୀତି ଓ ଉପଦେଶ ପାଳନ ହିଁ ଧର୍ମ ଥିଲା। ବୁଦ୍ଧଙ୍କ ଶରଣ ଓ ନୀତି ପାଳନ ଦ୍ୱାରା ଧର୍ମ ପାଳନ ହୋଇପାରିଲେ ତାହାକୁ ସର୍ବୋଚ୍ଚ ସଂଘନୀତି କୁହାଯାଉଥିଲା। ଏହାର ପ୍ରାଧାନ୍ୟ ବୁଝି ଗୁରୁ ନାନକ ପରବର୍ତ୍ତୀ କାଳରେ ଦଳ ଦଳ ହୋଇ ସଂକୀର୍ତ୍ତନ କରି ଏକ ପ୍ରକାର ସଂଘ ଗଠନର ପକ୍ଷ ନେଇଥିଲେ। ଏହାର ସୁଫଳ ଦେଖି ଚୈତନ୍ୟ ମହାପ୍ରଭୁ ପ୍ରଭୃତି ସେ ସମୟରେ ସଂକୀର୍ତ୍ତନ ମଣ୍ଡଳୀ ସ୍ଥାପନ କରିଥିଲେ। ଜଗନ୍ନାଥ ଦାସ ମଧ୍ୟ ଭାଗବତ ରଚନା ପରକାଳରେ ଭାଗବତ ପାଠ ଓ ଭାଗବତ ଶୁଣିବା ପାଇଁ ଟୁଙ୍ଗୀ ସ୍ଥାପନ କରିଥିଲେ। ଯାହା ଏକ ଛୋଟ ସଂଘର କାମ କରୁଥିଲା। ଏହାର ଉପକାର ଉପଲବ୍ଧି କରି ସର୍ବତ୍ର ଦଳ ବା ମଣ୍ଡଳୀ ବା ସଂଘମାନ ଗଢ଼ା ହେଲା। ଏହା ମଧ୍ୟ ଭଲ ଫଳ ଦେଲା। ବିଭିନ୍ନ ଗୁରୁମାନଙ୍କୁ କେନ୍ଦ୍ରକରି ସମ୍ପ୍ରଦାୟ ସୃଷ୍ଟି ହେଲା। ଏକ ଆଦର୍ଶ ଓ ଏକନୀତିକୁ ମାନୁଥିବା ସାଧକ ଓ ଆଶ୍ରୀତମାନେ ସମ୍ପ୍ରଦାୟଭୁକ୍ତ ହେଉଥିଲେ। ଏହାଦ୍ୱାରା ସମ୍ପ୍ରଦାୟର କଳେବର ବଢୁଥିଲା। ନିଜ ନିଜ ଭିତରେ ଭାତୃଭାବ ମଧ୍ୟ ବଢୁଥିଲା। ପାରସ୍ପରିକ ସମ୍ପର୍କ, ପାରସ୍ପରିକ ତ୍ୟାଗ, ପାରସ୍ପରିକ ସେବା, ସାହାଯ୍ୟ, ସହଯୋଗ ଓ ସହାନୁଭୂତି ଉପଲବ୍ଧ ହେଲା। ସମୟ ସମୟରେ ବିଭିନ୍ନ ସମ୍ପ୍ରଦାୟ, ଅନ୍ୟ ସମ୍ପ୍ରଦାୟ ବିରୁଦ୍ଧରେ ଉଠିଲେ। ଯେଉଁଠାରେ ନୀତିଗତ ଅସାମଞ୍ଜସ୍ୟ ପରିଲକ୍ଷିତ ହେଲା ସେଠାରେ ବିରୋଧି ସ୍ୱର ଅଧିକରୁ ଅଧିକ ହେଲା। ଅତୀତ ଇତିହାସ କହେ, ଏହି ସମ୍ପ୍ରଦାୟ ଗୁଡ଼ିକ ପରସ୍ପର ବିରୁଦ୍ଧରେ ହିଂସାତ୍ମକ କାଣ୍ଡ ଭିଆଇବାକୁ ଉଠୁଥିଲେ, ତଥାପି ସାମ୍ପ୍ରଦାୟିକ ମନୋଭାବ ବଞ୍ଚି ରହିଲା। ନିଜ ନିଜ ପନ୍ଥା ଆଦରି ନିଜ ନିଜ ମାର୍ଗରେ ଅଗ୍ରସର ହେଲେ।

ଆଦି ଶଙ୍କରାଚାର୍ଯ୍ୟଙ୍କ ବେଳକୁ ଭାରତ ଭୂଖଣ୍ଡ, ଏହି ସମ୍ପ୍ରଦାୟ ନାଁରେ ବହୁଧା ଖଣ୍ଡିତ ହୋଇ ସାରିଥିଲା। ସୌର, ଶାକ୍ତ, ଶୈବ, ବୈଷ୍ଣବ, ଗଣପତ୍ୟ, ଶୂନ୍ୟବାଦୀ - ଏହି ଭଳି ସବଳ ସମ୍ପ୍ରଦାୟମାନେ ଅନ୍ୟ ମାନଙ୍କୁ ଗୌଣ ତଥା ନିଜ ସମ୍ପ୍ରଦାୟକୁ ମୁଖ୍ୟ କରି ସମାଜରେ ପ୍ରଭାବ ବିସ୍ତାର କରିବାରେ ଲାଗିଥିଲେ। ବେଳେ ବେଳେ ପରସ୍ପର ବିରୁଦ୍ଧରେ ଏଭଳି ଉଠୁଥିଲେ ଯେ ତାହାକୁ ସମ୍ଭାଳିବାକୁ ରାଜା ମହାରାଜା ମାନଙ୍କୁ ସୈନ୍ୟ ପ୍ରେରଣ କରିବାକୁ ପଡୁଥିଲା। ମୋଗଲ ଓ ପଠାଣ ଶାସନ ସମୟରେ ଏହି ଗୋଷ୍ଠୀ ବା ସମ୍ପ୍ରଦାୟକୁ ଦମନ କରିବାକୁ ଅଣହିନ୍ଦୁ ଶାସକମାନେ ମଧ୍ୟ ଅସ୍ତ୍ର ଉତ୍ତୋଳନ କଲେ। ଏହାକୁ କେନ୍ଦ୍ରକରି ଅଶାନ୍ତି, ଅନ୍ୟାୟ, ଅବିଚାର ଜନିତ କଷ୍ଟ ଜନସମାଜକୁ ଭୋଗ କରିବାକୁ ପଡ଼ିଲା। ଧୀରେ ଧୀରେ ଭାରତକୁ ଅନ୍ୟ ଧର୍ମର ଗୁରୁ ଓ ନେତାମାନେ ଆସିଲେ। ସେମାନେ ତାଙ୍କ ଧର୍ମ ସମ୍ପ୍ରଦାୟ ମାନ ଗଠନ କଲେ। ସାମ୍ପ୍ରଦାୟିକ ସଂକୀର୍ଣ୍ଣତା ଦେଖାଦେଲା ଓ ତତ୍‌ଜନିତ ବିଶୃଙ୍ଖଳାରେ ଜନ ମାନସ ବିକ୍ଷୁବ୍ଧ ହେଲା। ପ୍ରତ୍ୟେକ ସମ୍ପ୍ରଦାୟ ଭିତରେ ଦ୍ୱିମତ ଦେଖାଦେଲା। ତାହା ପୁଣି ଭାଗ ଭାଗ ହେଲା। ଗୌଡ଼ିୟ ବୈଷ୍ଣବ, ଓଡ଼ିଆ ବୈଷ୍ଣବ, ଶୈବ, ବୀର ଶୈବ, (କ୍ରମଶଃ)



# ରାହୁଲଙ୍କ ବୈଠକରେ ପୁଣି ଯୋଗ ଦେଲେନି ଶଶି ଥରୁର

**ନୂଆଦିଲ୍ଲୀ,୧୨।୧୨(ଏଜେନ୍ସି):** ରାହୁଲଙ୍କ ବୈଠକରେ ପୁଣି ଯୋଗ ଦେଲେନି ଶଶି ଥରୁର । ଚଳିତ ସଂସଦ ଅଧିବେଶନରେ ଦଳର ପ୍ରଦର୍ଶନ ସମୀକ୍ଷା କରିବା ପାଇଁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ତାଙ୍କ ସାଂସଦମାନଙ୍କର ଏକ ବୈଠକ ଡାକିଥିଲେ । ବେଠକରେ ସାଂସଦ ଶଶି ଥରୁର ଯୋଗ ଦେବେ କି ନାହିଁ ତା' ଉପରେ ସମସ୍ତଙ୍କ ନଜର ରହିଥିଲା । ଶଶି ଥରୁର ଯୋଗ ଦେଇ କଂଗ୍ରେସର ପ୍ରଦର୍ଶନ ଉପରେ କ'ଣ ମତ ରଖିବେ, ତାହା ଜାଣିବାକୁ ଉତ୍ସାହିତ ଥିଲେ ଲୋକେ । ହେଲେ ଗତଥର ଭଳି ଏଥର ମଧ୍ୟ ବେଠକରେ ଯୋଗ ଦେଇନଥିଲେ ଶଶି ଥରୁର । କେରଳ, ତିରୁବନନ୍ତପୁରମର ସାଂସଦ ଶଶି ଥରୁର ଏଭଳି କରି ଏବେ ଚର୍ଚ୍ଚା ଆହୁରି ବାଢ଼ଇଛନ୍ତି । ଅନେକ ଥର ସେ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରଶଂସା କରିଥିବା ବେଳେ ପ୍ରକୃତରେ ଶଶି କାହାର ସମର୍ଥନ ବୋଲି ଲୋକେ ପ୍ରଶ୍ନ କରିସାରିଛନ୍ତି । ଏହା ପ୍ରଥମ ଥର ନୁହେଁ । ଏହା ପୂର୍ବରୁ ୩ଥର ଶଶି ଥରୁର କଂଗ୍ରେସ ବୈଠକରେ ଅନୁପସ୍ଥିତ ରହିଛନ୍ତି। ତେବେ ସେ ଏହାର କାରଣ ମଧ୍ୟ ଜଣାଇଥିବା ସାମ୍ନାକୁ ଆସିଛି।

# ମିଆଁମାର ହସ୍ପିଟାଲ୍ ଉପରେ ସେନାର ବୋମାମାଡ଼: ୩୪ ମୃତ

**ନୂଆଦିଲ୍ଲୀ,୧୨।୧୨(ଏଜେନ୍ସି):** ମ୍ୟାମାରର ପଶ୍ଚିମ ରାଖାଇନ ରାଜ୍ୟର ମ୍ରାଉକ୍ ୟୁ ସହରରେ ଥିବା ଏକ ସରକାରୀ ହସ୍ପିଟାଲ୍ ଉପରେ ସାମରିକ ବିମାନର ଆକ୍ରମଣରେ ଅତି କମରେ ୩୪ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ୨୦ରୁ ଅଧିକ ଆହତ ହୋଇଛନ୍ତି । ଏହି ଆକ୍ରମଣରେ ଡାକ୍ତରଖାନାଟି ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି । ଏହି ବର୍ବର ଆକ୍ରମଣ ଗତକାଲି ସନ୍ଧ୍ୟାରେ ଘଟିଥିବା ପ୍ରକାଶ । ଘଟଣା ସମ୍ପର୍କରେ ସୂଚନା ଦେଇ ଏକ ମାନବାଧିକାର ସଂସ୍ଥା ପକ୍ଷରୁ କୁହାଯାଇଛି ଯେ ମୃତ୍ୟୁ ସଂଖ୍ୟା ବଢ଼ିବା ଆଶଙ୍କା ରହିଛି। ମୃତକଙ୍କ ମଧ୍ୟରେ ଅଧିକାଂଶ ରୋଗୀ ଏବଂ ଡାକ୍ତରଖାନା କର୍ମଚାରୀ ଅଛନ୍ତି। ଡାକ୍ତରଖାନାଟି ୩୦୦ ଶଯ୍ୟା ବିଶିଷ୍ଟ ଥିଲା ଏବଂ ଆକ୍ରମଣ ସମୟରେ ୨୫୦ରୁ ଅଧିକ ରୋଗୀ ଥିଲେ। ଗତ ସପ୍ତାହରେ ମଧ୍ୟ ସାଗାଇଙ୍ଗ ଅଞ୍ଚଳରେ



ଏକ ଚା' ଦୋକାନ ଉପରେ ହୋଇଥିବା ସେନା ଆକ୍ରମଣରେ ୧୮ ଜଣଙ୍କର ମୃତ୍ୟୁ ଘଟିଥିଲା । ସପ୍ତାହକ ମଧ୍ୟରେ ନାଗରିକଙ୍କ ଉପରେ ଏହା ହେଉଛି ଦ୍ୱିତୀୟ ଘାତକ ଆକ୍ରମଣ। ଏହି ଆକ୍ରମଣଗୁଡ଼ିକ ମ୍ୟାମାର ସାମରିକ ଜୁଣ୍ଟାର ବର୍ବରତାକୁ ପ୍ରତିଫଳିତ କରୁଥିବା ବେଳେ ଏହାକୁ ନେଇ ଜାତିସଂଘ ଉଦ୍‌ବେଗ ପ୍ରକାଶ କରିଛି । ଜୁଣ୍ଟା ଡିସେମ୍ବର ୨୮ ତାରିଖରେ ଏକ ସାଧାରଣ ନିର୍ବାଚନ ପାଇଁ ଘୋଷଣା କରିଛି । ଅନ୍ୟପକ୍ଷରେ ବିଦ୍ରୋହୀ ଗୋଷ୍ଠୀ ଏହାକୁ ଏକ 'ମିଛ ନିର୍ବାଚନ' ବୋଲି କହିଛି ଏବଂ ସେମାନଙ୍କ ନିୟନ୍ତ୍ରଣରେ ଥିବା ଅଞ୍ଚଳରେ ଏହାକୁ ବନ୍ଦ କରିବାକୁ ଶପଥ ନେଇଛି । ଡାକ୍ତରଖାନା ଏବଂ ବିଦ୍ୟାଳୟ ସମେତ ବିଭିନ୍ନ ସାର୍ବଜନୀନ ସ୍ଥଳ ଉପରେ ସେନାର ଏଭଳି ଅମାନୁଷିକ ଆକ୍ରମଣକୁ ଯୁଦ୍ଧ ଅପରାଧ ଭାବେ ଗ୍ରହଣ କରିବା ପାଇଁ ବିଭିନ୍ନ ମାନବାଧିକାର ସଂଗଠନ ନିବେଦନ କରିଛନ୍ତି ।

# ବିଦେଶ ଗସ୍ତରେ ଯିବେ ମୋଦି

**ନୂଆଦିଲ୍ଲୀ,୧୨।୧୨(ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଡିସେମ୍ବର ୧୫ରୁ ୧୮ ତାରିଖ ପର୍ଯ୍ୟନ୍ତ ଜୋର୍ଡାନ, ଇଥିଓପିଆ ଏବଂ ଓମାନ ଗସ୍ତ କରିବେ । ମଧ୍ୟପ୍ରାଚ୍ୟ ଏବଂ ଆଫ୍ରିକାର ପ୍ରମୁଖ ସହଯୋଗୀଙ୍କ ସହ ଭାରତର ସହଭାଗିତା ବାଢ଼ିବା ମୋଦିଙ୍କ ଗସ୍ତର ଉଦ୍ଦେଶ୍ୟ ରହିଛି । ଗସ୍ତ ଅବସରରେ ବାଣିଜ୍ୟ ବୁଝାମଣା ସହ ଅନ୍ୟ ପ୍ରମୁଖ ଚୁକ୍ତି ହୋଇପାରେ । ପ୍ରଥମେ ମୋଦି ୧୫ ତାରିଖରେ ଜୋର୍ଡାନ ଯିବେ । ସେଠାରେ ୧୬ ତାରିଖ ପର୍ଯ୍ୟନ୍ତ ରହିବେ। ଜୋର୍ଡାନରେ ମୋଦି ରାଜା ଅବ୍ଦୁଲ୍ଲା ଦ୍ୱିତୀୟ ବିନ୍ ଅଲ୍ ହୁସେନଙ୍କୁ ଭେଟିବେ। ତାଙ୍କ ସହ ମୋଦି ଦ୍ୱିପାକ୍ଷିକ ବୈଠକ କରି ବାଣିଜ୍ୟ, ନିବେଶ, କ୍ଷେତ୍ରୀୟ ସୁରକ୍ଷା ପ୍ରସଙ୍ଗରେ ଆଲୋଚନା କରିବେ । ଏହି ସାକ୍ଷାତ ଜୋର୍ଡାନ-ଭାରତ ମଧ୍ୟରେ ୭୫ ବର୍ଷପୂର୍ତ୍ତି ଅବସରରେ ହେବାକୁ ଯାଉଛି । ଡିସେମ୍ବର ୧୬-



୧୭ରେ ମୋଦି ଇଥିଓପିଆ ଯିବେ । ଏହା ମୋଦିଙ୍କ ପ୍ରଥମ ଇଥିଓପିଆ ଗସ୍ତ ହେବ । ଏହି ଅବସରରେ ଦୁଇ ଦେଶ ଦ୍ୱିପାକ୍ଷିକ ସମ୍ପର୍କ ମଜଭୁତ କରିବା ଉପରେ ଆଲୋଚନା କରିବେ । ୧୭-୧୮ ତାରିଖ ମଧ୍ୟରେ ମୋଦି ଓମାନ ଯାଇ ଦିଲ୍ଲୀ ଫେରିବେ । ଏହା ମୋଦିଙ୍କ ଦ୍ୱିତୀୟ ଓମାନ୍ ଗସ୍ତ ହେବ ।

# ଲୋକସଭାରେ ଦିଲ୍ଲୀ ପ୍ରଦୂଷଣ ବୃଦ୍ଧି ପ୍ରସଙ୍ଗ ଉଠାଇଲେ ରାହୁଲ

**ନୂଆଦିଲ୍ଲୀ,୧୨।୧୨(ଏଜେନ୍ସି):** ପାର୍ଲାମେଣ୍ଟରେ ପୁଣି ଉଠିଲା ପ୍ରଦୂଷଣ ପ୍ରସଙ୍ଗ । ଲୋକସଭାରେ ରାଜଧାନୀ ଦିଲ୍ଲୀରେ ପ୍ରଦୂଷଣ ବୃଦ୍ଧି ପ୍ରସଙ୍ଗ ଉଠାଇଲେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି । ଲଗାତାର ଅନେକ ଦିନ ହେଲାଣି ଦିଲ୍ଲୀରେ ପ୍ରଦୂଷଣ ନିୟନ୍ତ୍ରଣକୁ ଆସୁନାହିଁ । ଏହାକୁ ନିୟନ୍ତ୍ରଣ କରିବାକୁ ସରକାର କଣ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ପଚାରିଛନ୍ତି ରାହୁଲ । ଆଗାମୀ ୪ରୁ ୫ ବର୍ଷ ମଧ୍ୟରେ ସରକାରଙ୍କ କଣ ଯୋଜନା ରହିଛି । ଏ ପ୍ରସଙ୍ଗରେ ସଂସଦରେ ଏକ ଜରୁରୀ ଏବଂ ସଂଗଠିତ ବିତର୍କ ହେବା ଜରୁରୀ ବୋଲି କହିଛନ୍ତି ରାହୁଲ । ବାୟୁ ପ୍ରଦୂଷଣ ଏକ ଗୁରୁତର ସମସ୍ୟା। ଏହାକୁ ନେଇ ଗୃହରେ ଆରୋପ ପ୍ରତ୍ୟାରୋପ ହେବା ଅନୁଚିତ । ପ୍ରଦୂଷଣ ନିୟନ୍ତ୍ରଣ ଲାଗି ଦେଶର ସମସ୍ତ ସହରରେ ନିୟମ ହେବା ଦରକାର । କାହାକୁ ଦୋଷ ନଦେଇ ଏକାଠି କାମ କରିବା ବୋଲି କହିଛନ୍ତି ରାହୁଲ । ଏହାକୁ ଏକ ସାର୍ବଜନୀନ ସ୍ୱାସ୍ଥ୍ୟ ଜରୁରୀକାଳୀନ ପରିସ୍ଥିତି ଭାବେ ଦର୍ଶାଯାଇଛି। ସେପଟେ ଏହି ପ୍ରସଙ୍ଗ ନେଇ ସରକାର ଆଲୋଚନା କରିବାକୁ ରାଜି ବୋଲି ସଙ୍କେତ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ କିରଣ ରିଜିଜୁ ।

# 'ତୃତୀୟ ବିଶ୍ୱଯୁଦ୍ଧର ରୂପ ନେବ ରୁଷ-ୟୁକ୍ରେନ ବିବାଦ'

**ନୂଆଦିଲ୍ଲୀ,୧୨।୧୨(ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚେତାବନୀ ଦେଇଛନ୍ତି ଯେ ରୁଷ-ୟୁକ୍ରେନ ବିବାଦ ତୃତୀୟ ବିଶ୍ୱଯୁଦ୍ଧରେ ପରିଣତ ହୋଇପାରେ । ହ୍ୱାଇଟ୍ ହାଉସ୍ ପ୍ରେସ୍ ବ୍ରିଫିଂ ସମୟରେ, ଆମେରିକା ରାଷ୍ଟ୍ରପତି କହିଛନ୍ତି ଯେ ଗତ ମାସରେ କେବଳ ଏହି ସଂଘର୍ଷରେ ୨୫,୦୦୦ ଲୋକ, ଅଧିକାଂଶ ସାମରିକ କର୍ମଚାରୀ ପ୍ରାଣ ହରାଇଛନ୍ତି । ଏହାସହ ଟ୍ରମ୍ପ ରୁଷ-ୟୁକ୍ରେନ ବିବାଦରେ ମୃତ୍ୟୁ ପାଇଁ ଦୁଃଖ ପ୍ରକାଶ କରିଛନ୍ତି । ରୁଷ-ୟୁକ୍ରେନ ଯୁଦ୍ଧକୁ ତୁରନ୍ତ ବନ୍ଦ କରିବାକୁ ଆହ୍ୱାନ ଦେଇ ଟ୍ରମ୍ପ କହିଛନ୍ତି, ମୁଁ ଏଠାରେ ହତ୍ୟାକାଣ୍ଡ ବନ୍ଦ କରିବାକୁ ଚାହୁଁଛି । ଗତ ମାସରେ ପ୍ରାୟ ୨୫,୦୦୦ ସୈନିକଙ୍କ ମୃତ୍ୟୁ ହୋଇଥିଲା । ଆମେ ଏହାକୁ ବନ୍ଦ କରିବା ପାଇଁ କଠିନ ପରିଶ୍ରମ କରୁଛୁ । ଏହିପରି ଘଟଣା ଶେଷରେ ତୃତୀୟ ବିଶ୍ୱଯୁଦ୍ଧ ଆଡ଼କୁ ନେଇପାରେ। ମୁଁ କହିଥିଲି ଯେ ଯେପର୍ଯ୍ୟନ୍ତ ସମସ୍ତେ ଏହିପରି ଖେଳ ଖେଳିବେ, ସେପର୍ଯ୍ୟନ୍ତ ଆମେ ତୃତୀୟ ବିଶ୍ୱଯୁଦ୍ଧରେ ପରିଣତ ହେବୁ, କିନ୍ତୁ ଆମେ ତାହା ଦେଖିବାକୁ ଚାହୁଁନାହୁଁ । ସାରା ବିଶ୍ୱରେ ଯୁଦ୍ଧବିରତିର ଗର୍ବ କରୁଥିବା ଟ୍ରମ୍ପ ଦୂରରୁ ରୁଷ-ୟୁକ୍ରେନ ବିବାଦ ଦେଖିବାକୁ ବାଧ୍ୟ ହୋଇଛନ୍ତି କାରଣ କୌଣସି ଦେଶ ପଛକୁ ହଟିବାକୁ ଇଚ୍ଛୁକ ନୁହଁନ୍ତି । ପୂର୍ବରୁ, ହ୍ୱାଇଟ୍ ହାଉସ୍ ପ୍ରେସ୍ ସଚିବ



କାରୋଲିନ୍ ଲେଭିଟ୍ କହିଥିଲେ ଯେ ଟ୍ରମ୍ପ ରୁଷ ଏବଂ ୟୁକ୍ରେନ ପ୍ରତି ଗଭୀର ନିରାଶ ହୋଇଛନ୍ତି କାରଣ ଉଭୟ ଦେଶ ଯୁଦ୍ଧବିରତି କରିବାକୁ ଇଚ୍ଛୁକ ନୁହଁନ୍ତି । ରୁଷ-ୟୁକ୍ରେନ ଯୁଦ୍ଧ ବିଷୟରେ ଉଲ୍ଲେଖ କରି କାରୋଲିନ ଲେଭିଟ୍ କହିଛନ୍ତି, ରାଷ୍ଟ୍ରପତି ଏହି ଯୁଦ୍ଧର ଉଭୟ ପକ୍ଷ ଉପରେ ଗଭୀର ନିରାଶୟ ସେ ଆନୁଷ୍ଠାନିକ ବୈଠକରୁ ବିରକ୍ତ । ସେ କେବଳ ଆଲୋଚନା ଚାହାଁନ୍ତି ନାହିଁ । ସେ କାର୍ଯ୍ୟାନୁଷ୍ଠାନ ଚାହାଁନ୍ତି । ସେ ଚାହାଁନ୍ତି ଯେ ଏହି ଯୁଦ୍ଧ ଶେଷ ହେଉ । ଟ୍ରମ୍ପ ପ୍ରଶାସନ ଶାନ୍ତି ପ୍ରୟାସରେ ସକ୍ରିୟ ଭାବରେ ନିୟୋଜିତ । ଟ୍ରମ୍ପ ବୁଧବାର (ଡିସେମ୍ବର ୧୦, ୨୦୨୫) ଦିନ ୟୁରୋପୀୟ ନେତାମାନଙ୍କ ସହ ଆଲୋଚନା କରିଥିଲେ ଏବଂ ସ୍ୱତନ୍ତ୍ର ଦୂତ ଷ୍ଟିଭ ୱିଟକଫ ଏବଂ ତାଙ୍କ ଦଳ ଏପର୍ଯ୍ୟନ୍ତ ଉଭୟ ପକ୍ଷ ସହିତ ସିଧାସଳଖ ଯୋଗାଯୋଗ କରୁଛନ୍ତି । ଡୋନାଲ୍ଡ ଟ୍ରମ୍ପ ଏହା ମଧ୍ୟ କହିଛନ୍ତି ଯେ ରୁଷ ସହିତ ଯୁଦ୍ଧ ସମାପ୍ତ କରିବା ପାଇଁ ଏକ ସୁରକ୍ଷା ଚୁକ୍ତିର ଅଂଶ ଭାବରେ ଆମେରିକା ୟୁକ୍ରେନକୁ ସହାୟତା ଯୋଗାଇବାକୁ ଇଚ୍ଛୁକ ହେବ । ହେଲେ, ସେ ନିରାଶା ପ୍ରକାଶ କରିଛନ୍ତି ଯେ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ଆମେରିକାର ଶାନ୍ତି ଯୋଜନାରେ ସହଜରେ ରାଜି ହୋଇନାହାଁନ୍ତି, ଯାହା କିଭ ଉପରେ ଚାପ ବୃଦ୍ଧି କରୁଛି ।

# ଜନଗଣନା ପାଇଁ ୧୧,୭୧୮ କୋଟିର ବଜେଟ୍ ଅନୁମୋଦନ

**ନୂଆଦିଲ୍ଲୀ,୧୨।୧୨(ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ଶୁକ୍ରବାର (୧୨ ଡିସେମ୍ବର, ୨୦୨୫) ତିନୋଟି ପ୍ରମୁଖ ନିଷ୍ପତ୍ତି ନେଇଛି । ଜନଗଣନା ପାଇଁ ୧୧,୭୧୮ କୋଟି ଟଙ୍କାର ବଜେଟ ଆବଣ୍ଟନ ହୋଇଛି, ସେହିପରି କୋପ୍ରା ଏମଏସପି ବୃଦ୍ଧି କରାଯାଇଛି । ଏ ସମ୍ପର୍କରେ ସୂଚନା ଦେଇ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ୨୦୨୭ ଜନଗଣନା ସମ୍ପର୍କରେ ଏକ ନିଷ୍ପତ୍ତି ନିଆଯାଇଛି । ଏଥିପାଇଁ ୧୧,୭୧୮ କୋଟି ଟଙ୍କାର ବଜେଟ୍ ଆବଣ୍ଟନ ହୋଇଛି । ଦ୍ୱିତୀୟତଃ, କୋଇଲା କିମ୍ବା ଶକ୍ତି କ୍ଷେତ୍ରରେ ଏକ ପ୍ରମୁଖ ସଂସ୍କାର କରାଯାଇଛି । ତୃତୀୟତଃ, କୃଷକମାନଙ୍କ ସହ ଜଡିତ ଏକ ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ୨୦୨୭ ଜନଗଣନା ପ୍ରଥମ ଡିଜିଟାଲ ଜନଗଣନା ହେବ । ତଥ୍ୟ ସୁରକ୍ଷାକୁ ଦୃଷ୍ଟିରେ ରଖି ଜନଗଣନାର ଡିଜିଟାଲ ଡିଜାଇନ୍ ପ୍ରସ୍ତୁତ କରାଯାଇଛି । ଏହା ଦୁଇଟି ପର୍ଯ୍ୟାୟରେ କରାଯିବ । ପ୍ରଥମ ପର୍ଯ୍ୟାୟ ୧ ଏପ୍ରିଲରୁ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ଘର ତାଲିକା ଏବଂ ଗୃହ ଗଣନା ହେବ । ଦ୍ୱିତୀୟ ପର୍ଯ୍ୟାୟ ଫେବୃଆରୀ ୨୦୨୭ରେ ଜନଗଣନା ହେବ । କେନ୍ଦ୍ର ମନ୍ତ୍ରୀ ଆହୁରି କହିଛନ୍ତି, ପ୍ରଥମ ଥର ପାଇଁ ଏକ ଡିଜିଟାଲ ଜନଗଣନା କରାଯିବ, ଯେଉଁଥିରେ ଏକ ମୋବାଇଲ୍ ଆପ୍ଲିକେସନ୍ ମାଧ୍ୟମରେ ତଥ୍ୟ ସଂଗ୍ରହ କରାଯିବ। ଏହି ଆବେଦନ ହିନ୍ଦୀ, ଇଂରାଜୀ ଏବଂ ଆଞ୍ଚଳିକ ଭାଷାରେ ଉପଲବ୍ଧ ହେବ ।

# ଜାପାନରେ ଭୂକମ୍ପ ଝଟକା

**ନୂଆଦିଲ୍ଲୀ,୧୨।୧୨(ଏଜେନ୍ସି):** ଜାପାନରେ ଭୂକମ୍ପ ଝଟକା । ଆଜି ସକାଳେ ଭୂକମ୍ପ ଝଟକାରେ ଥରିଲା ଜାପାନ । ଯାହାର ରିକ୍ଟର ସ୍କେଲରେ ତୀବ୍ରତା ୬.୭ ରେକର୍ଡ କରାଯାଇଛି । ସେହିପରି ଭୂମିକମ୍ପର ଗଭୀରତା ୧୦.୭ କିଲୋମିଟର ଥିଲା । ତେବେ ଏହି ଭୂମିକମ୍ପ ଯୋଗୁଁ ବ୍ୟାପକ ଆତଙ୍କ ସୃଷ୍ଟି ହୋଇଛି । ଭୂମିକମ୍ପ ପରେ ତୁରନ୍ତ ସୁନାମି ଚେତାବନୀ ମଧ୍ୟ ଜାରି କରାଯାଇଛି । ଜାପାନ ପାଣିପାଗ ସଂସ୍ଥା ସୂଚନା ଅନୁଯାୟୀ, ଡିସେମ୍ବର ୧୨ ତାରିଖ ସକାଳେ ଆଓମୋରି ପ୍ରଦେଶର ପୂର୍ବ ଉପକୂଳ ନିକଟରେ ଭୂମିକମ୍ପ ହୋଇଥିଲା । ଏଥିଯୋଗୁଁ ସମ୍ଭାବ୍ୟ ସୁନାମି ସମ୍ପର୍କରେ ଆଜି ଦିନ ୧୨ଟା ୫୦ରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହେବ । ପ୍ରଶାନ୍ତ ମହାସାଗରୀୟ ଉପକୂଳ ଅଞ୍ଚଳ ହୋକାଇଡୋ ଏବଂ ଆଓମୋରି, ଏବଂ ଇୱାଟେ ଏବଂ ମିୟାଗି ପ୍ରିଫେକ୍ଚର ପାଇଁ ମଧ୍ୟ ସୁନାମି ସତର୍କତା ଜାରି କରାଯାଇଛି । ଦେଶରେ ୭.୫ ତୀବ୍ରତାର ଭୂମିକମ୍ପ ହେବା ପରେ ସୁନାମି ସତର୍କତା ଜାରି କରାଯାଇଛି । ତେବେ ୫ କିମ୍ବା ତା'ଠାରୁ ଅଧିକ ତୀବ୍ରତାର ଭୂମିକମ୍ପକୁ ଶକ୍ତିଶାଳୀ ବୋଲି ବିବେଚନା କରାଯାଏ ଏବଂ ପ୍ରାୟତଃ କ୍ଷତି ଘଟାଏ । ତଥାପି, କ୍ଷୟକ୍ଷତିର ପରିମାଣ ଏପର୍ଯ୍ୟନ୍ତ ଆକଳନ କରାଯାଉଛି । ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ମୃତାହତ କିମ୍ବା ସମ୍ପତ୍ତି କ୍ଷତି ନିଶ୍ଚିତ ହୋଇନାହିଁ । ଉପକୂଳ ଅଞ୍ଚଳରେ ବାସ କରୁଥିବା ବାସିନ୍ଦାଙ୍କୁ ସରକାରୀ ନିର୍ଦ୍ଦେଶ ପାଳନ କରିବାକୁ ଅନୁରୋଧ କରାଯାଇଛି । ଗତ ସପ୍ତାହର ପ୍ରାରମ୍ଭରେ, ଜାପାନରେ ୭.୫ ତୀବ୍ରତାର ଏକ ଶକ୍ତିଶାଳୀ ଭୂମିକମ୍ପ ହୋଇଥିଲା । ଏହି ଭୂମିକମ୍ପ ସମଗ୍ର ଦେଶରେ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଥିଲା, ୩୦ ଜଣ ଆହତ ହୋଇଥିଲେ ଏବଂ ପ୍ରାୟ ୯୦ ,୦୦୦ ବାସିନ୍ଦାଙ୍କୁ ସେମାନଙ୍କ ଘର ଖାଲି କରିବାକୁ ବାଧ୍ୟ କରିଥିଲା । ସୋମବାର ରାତି ୧୧ଟା ୧୫ରେ ସମୁଦ୍ର କୂଳରେ ଭୂକମ୍ପ ଅନୁଭୂତ ହୋଇଥିଲା । ଜାପାନ ପାଣିପାଗ ସଂସ୍ଥା କହିଛି ଯେ, ଦେଶର ଉତ୍ତର-ପୂର୍ବ ଉପକୂଳରେ ୩ ମିଟର ଉଚ୍ଚତାର ସୁନାମି ଆସିପାରେ । ହୋକାଇଡୋ, ଆଓମୋରି ଏବଂ ଇୱାଟେ ପ୍ରଦେଶ ପାଇଁ ସତର୍କ ସୂଚନା ଜାରି କରାଯାଇଥିଲା । ତଥାପି, ସେହି ଅଞ୍ଚଳରେ ପୁଣି ଥରେ ଭୂମିକମ୍ପ ଅନୁଭୂତ ହୋଇଥିଲା ।

# ସିଧାସଳଖ ଧମକ ଦେଉଛି ଲସ୍କର-ଏ-ତୈବା

**ନୂଆଦିଲ୍ଲୀ,୧୨।୧୨(ଏଜେନ୍ସି):** ପାକିସ୍ତାନର ପ୍ରମୁଖ ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୈବା ପାକିସ୍ତାନୀ ସେନା ସହିତ ମିଶି ଆଫଗାନିସ୍ତାନ ଉପରେ ଆକ୍ରମଣ କରିବାକୁ ସିଧାସଳଖ ଧମକ ଦେଇଛି। ଏହା ପାକିସ୍ତାନ ଏବଂ ଆଫଗାନିସ୍ତାନ ସୀମାରେ ଉତ୍ତେଜନାକୁ ଆହୁରି ବୃଦ୍ଧି କରିଛି। ପ୍ରଥମ ଥର ପାଇଁ, ପାକିସ୍ତାନରେ ଅବସ୍ଥିତ ଜାତିସଂଘ ଦ୍ୱାରା ନିଷିଦ୍ଧ ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୈବା ଖୋଲାଖୋଲି ଭାବରେ ପାକିସ୍ତାନୀ ସେନାର ପକ୍ଷ ନେଇଛି । ଲସ୍କର କମାଣ୍ଡର ମଧ୍ୟ ଅସୀମ ମୁନିରଙ୍କୁ ପ୍ରତିରକ୍ଷା କର୍ମଚାରୀ ମୁଖ୍ୟ ଭାବରେ ନିଯୁକ୍ତିକୁ ସ୍ୱାଗତ କରିଛନ୍ତି । ସଂଗଠନର ଜଣେ ବରିଷ୍ଠ ନେତା ଏବଂ ହାଫିଜ୍ ସଇଦର ଘନିଷ୍ଠ ସହଯୋଗୀ କାରୀ ୟାକୁବ୍ ଶେଖ୍ ଏକ ଭିଡିଓ ବାର୍ତ୍ତା ଜାରି କରି ପାକିସ୍ତାନୀ ସେନା ମୁଖ୍ୟ ଜେନେରାଲ୍ ଅସୀମ୍ ମୁନିରଙ୍କୁ ପ୍ରତିରକ୍ଷା ବାହିନୀ ମୁଖ୍ୟ ଭାବରେ ସମ୍ପ୍ରତି ନିଯୁକ୍ତିକୁ ସ୍ୱାଗତ କରିଛନ୍ତି । ସେ ଆଫଗାନିସ୍ତାନକୁ ଏକ କଡ଼ା ଚେତାବନୀ ମଧ୍ୟ ଦେଇଛନ୍ତି । LeT ନେତା କାରୀ ୟାକୁବ୍ ଶେଖ୍ ଏକ ବିବୃତ୍ତିରେ କହିଛନ୍ତି, ପାକିସ୍ତାନ ସର୍ବଦା ଆଫଗାନିସ୍ତାନ ପାଇଁ ଦେଇଥିବା ବଳିଦାନକୁ ସମର୍ଥନ ସହିତ ପରିଶୋଧ କରିଛି। ପାକ୍ ଅଧିକୃତ କାଶ୍ମୀର ଏବଂ ଆଫଗାନିସ୍ତାନ ଉଲେମାମାନେ ଏକ ଫତୱା ଜାରି କରିଛନ୍ତି ଯେ ଆଫଗାନିସ୍ତାନ ମାଟିକୁ ପାକିସ୍ତାନ ବିରୁଦ୍ଧରେ ବ୍ୟବହାର କରାଯିବା ଉଚିତ୍ ନୁହେଁ - ଆମେ ଏହାକୁ ପୂର୍ଣ୍ଣ ସମର୍ଥନ କରୁଛୁ ।

# ପଶ୍ଚିମବଙ୍ଗରେ ରାମ ମନ୍ଦିର ନିର୍ମାଣ ଘୋଷଣା କଲେ ବିଜେପି ନେତା

**ନୂଆଦିଲ୍ଲୀ,୧୨।୧୨(ଏଜେନ୍ସି):** ନିଲମ୍ବିତ ଟିଏମସି ବିଧାୟକ ହୁମାୟୁନ କବୀର ମୁର୍ଶିଦାବାଦର ରେଜିନଗରରେ ବାବ୍ରି ମସଜିଦ ପରି ଅନୁରୂପ ଏକ ମସଜିଦର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ମୁସଲିମ ବହୁଳ ମୁର୍ଶିଦାବାଦ ଜିଲ୍ଲାରେ ଉତ୍ତେଜନା ଜାରି ରହିଥିବାରୁ, ଏହି କାର୍ଯ୍ୟକ୍ରମ କଡ଼ା ସୁରକ୍ଷା ମଧ୍ୟରେ ସମ୍ପନ୍ନ ହୋଇଥିଲା । ଅପରପକ୍ଷରେ ଠିକ ସେହି ଦିନ ବିଜେପି ନେତା ସଞ୍ଜୟ ପୋୟରା ମୁର୍ଶିଦାବାଦର ବଞ୍ଜାଟିଆ ମନିନ୍ଦ୍ର ନଗରରେ ରାମ ମନ୍ଦିର ନିର୍ମାଣ ନେଇ ଘୋଷଣା କରିଥିଲେ । ଏହି ଘଟଣା ଏବେ ପଶ୍ଚିମବଙ୍ଗରେ ରାଜନୈତିକ ଝଡ଼ ସୃଷ୍ଟି କରିଛି । ଡିସେମ୍ବର ୧୧ ତାରିଖରେ ବିଧାନ ନଗରର ପ୍ରମୁଖ ଅଞ୍ଚଳରେ ରାମ ମନ୍ଦିର ନିର୍ମାଣ କରାଯିବା ନେଇ ପୋଷ୍ଟର ଲଗାଯାଇଥିବା ଦେଖିବାକୁ ମିଳିଥିଲା । ଯେଉଁଥିରେ ଅଯୋଧ୍ୟାରେ ରାମ ମନ୍ଦିର ପରି ଏକ ବିଶାଳ କମ୍ପ୍ଲେକ୍ସ ନିର୍ମାଣ ନିମନ୍ତେ ଘୋଷଣା କରାଯାଇଥିଲା । ଏହି ପୋଷ୍ଟରଗୁଡ଼ିକରେ ସ୍ଥାନୀୟ ବିଜେପି ନେତା ଏବଂ ପୂର୍ବତନ ୟୁନିଟ୍ ର ସଭାପତି ସଞ୍ଜୟ ପୋୟରାଙ୍କ ନାମ ଲେଖାଯାଇଥିଲା । ଏହାଛଡା ପୋଷ୍ଟରରେ ରାମ ମନ୍ଦିର, ଏକ ସ୍କୁଲ, ଏକ ହସ୍ପିଟାଲ ଏବଂ ଏକ ବୃଦ୍ଧାଶ୍ରମ ଭଳି ସୁବିଧା ବିଷୟରେ ଉଲ୍ଲେଖ କରାଯାଇଥିଲା । ଏହାସହ ଏସବୁକୁ ନିର୍ମାଣ କରିବାରେ ସାହାଯ୍ୟ କରିବା ପାଇଁ ପ୍ରତ୍ୟେକ ବାସିନ୍ଦାଙ୍କୁ ଟଙ୍କାଟେ ବା ଗୋଟିଏ ଟଙ୍କା ଦାନ କରିବାକୁ ଅନୁରୋଧ କରାଯାଇଥିଲା ।

# ରହସ୍ୟ ଘେରରେ ଗାୟକ ଜୁବଙ୍କ ମୃତ୍ୟୁ, ଖୁବ୍ ଶୀଘ୍ର ଆସିବ ରିପୋର୍ଟ

**ନୂଆଦିଲ୍ଲୀ,୧୨।୧୨(ଏଜେନ୍ସି):** ଗାୟକ ଜୁବୀନ ଗର୍ଗଙ୍କ ମୃତ୍ୟୁ ମାମଲାରେ ଆସାମ ସିଆଇଡିର ସ୍ୱତନ୍ତ୍ର ତଦନ୍ତ ଦଳ ଏସ୍‌ଆଇଟି ଶୁକ୍ରବାର ଗୌହାଟି ମୁଖ୍ୟ ନ୍ୟାୟିକ ମାଜିଷ୍ଟ୍ରେଟ କୋର୍ଟରେ ଏକ ଚାର୍ଜସିଟ୍ ଦାଖଲ କରିଛି। ସେପ୍ଟେମ୍ବର ୧୯ ତାରିଖରେ ସିଙ୍ଗାପୁରରେ ମୃତ୍ୟୁବରଣ କରିଥିବା ଆସାମ ନିବାସୀ ଜୁବିନ୍ ଗର୍ଗଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା । ଘଟଣାର ପ୍ରାୟ ତିନି ମାସ ପରେ, ଆସାମ ସିଆଇଡି କୋର୍ଟରେ ତିନୋଟି ଡକ୍ୟୁମେଣ୍ଟ ଦାଖଲ କରିଛି । ଭାରତୀୟ ଦଣ୍ଡ ସଂହିତାର ଧାରା ୬୧ (ଅପରାଧୀକ ଷଡ଼ଯନ୍ତ୍ର), ୧୦୫ (ହତ୍ୟା ନୁହେଁ ଦୋଷୀ ହତ୍ୟା) ଏବଂ ୧୦୬ (ଅବହେଳା ଯୋଗୁଁ ମୃତ୍ୟୁ ଘଟାଇବା) ଅନୁଯାୟୀ ଆସାମ ସିଆଇଡିରେ ଏଫଆଇଆର ନମ୍ବର ୧୮/୨୦୨୫ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଥିଲା ଏବଂ ପରେ ବିଏନଏସର ଧାରା ୧୦୩ ଅନୁଯାୟୀ ହତ୍ୟା ଅଭିଯୋଗ ମଧ୍ୟ ଯୋଡ଼ା ଯାଇଥିଲା। ଏହି ମାମଲାରେ ଏକ ବ୍ୟାପକ ତଦନ୍ତ କରାଯାଇଛି, ଯେଉଁଥିରେ ଏସ୍‌ଆଇଟି ଟିମ୍ ସିଙ୍ଗାପୁର ଗସ୍ତ କରି ପ୍ରାୟ ୩୦୦ ସାକ୍ଷୀଙ୍କୁ ପଚରାଉଚରା କରିଛି । ଏସ୍‌ଆଇଟି ୩୫୦୦ ପୃଷ୍ଠାର ସାକ୍ଷୀଙ୍କ ବୟାନ ଯାଞ୍ଚ କରି ଏକ ବିସ୍ତୃତ ଚାର୍ଜସିଟ୍ ଉପସ୍ଥାପନ କରିବାକୁ



ପ୍ରସ୍ତୁତ ଅଛି। ସିଙ୍ଗାପୁର ଇଭେଣ୍ଟ ଆୟୋଜକ ଶ୍ୟାମକାନୁ ମହାନ୍ତ, ଜୁବୀନର ପରିଚାଳକ ସିଦ୍ଧାର୍ଥ ଶର୍ମା, ସହ-ଗାୟିକା ଅମୃତପ୍ରଭା ମହାନ୍ତ, ଜୁବୀନର ବ୍ୟାଣ୍ଡମେଟ୍ ଶେଖର ଜ୍ୟୋତି ଗୋସ୍ୱାମୀ, ତାଙ୍କ ସମ୍ପର୍କୀୟ ଭାଇ (ଯେଉଁମାନେ ତାଙ୍କ ସହିତ ଗସ୍ତରେ ଯାଇଥିଲେ), ନିଲମ୍ବିତ ପୋଲିସ ଅଧିକାରୀ ସନ୍ଦିପନ ଗର୍ଗ ଏବଂ ଜୁବୀନର ବ୍ୟକ୍ତିଗତ ସୁରକ୍ଷା ଅଧିକାରୀ ପରେଶ ବୈଶ୍ୟ ଏବଂ ନନ୍ଦେଶ୍ୱର ବୋରାଙ୍କ ସମେତ ସାତ ଜଣ ମାସ ମାସ ଧରି ବିଚାର ବିଭାଗୀୟ ହାଜତରେ ଅଛନ୍ତି। ଶୁକ୍ରବାର ସକାଳେ ଏସ୍‌ଆଇଟି ଆନୁଷ୍ଠାନିକ ଭାବରେ ଚାର୍ଜସିଟ୍ ଗ୍ରହଣ କରିଥିଲା ଏବଂ ତା'ପରେ କଡ଼ା ସୁରକ୍ଷା ମଧ୍ୟରେ ସିଜେଏମ୍ କୋର୍ଟକୁ ଯାଇଥିଲା । ମାମଲାର ସମ୍ବେଦନଶୀଳତା ଏବଂ ଗୁରୁତ୍ୱକୁ ପ୍ରତିଫଳିତ କରି ରାସ୍ତାରେ ପ୍ରବଳ ସୁରକ୍ଷା ବାହିନୀ ମୁତୟନ କରାଯାଇଥିଲା । ଗାୟକଙ୍କ ଅକାଳ ମୃତ୍ୟୁ ମଧ୍ୟ କାରଣ ବିଷୟରେ ସାଧାରଣରେ କୌତୁହଳ ସୃଷ୍ଟି କରିଛି । ଚାର୍ଜସିଟ୍ ଦାଖଲ ହେବା ଦ୍ୱାରା ଜୁବିନ୍ ଗର୍ଗଙ୍କ ରହସ୍ୟମୟ ମୃତ୍ୟୁର ପରିସ୍ଥିତି ଉପରେ ଅଧିକ ସ୍ୱଚ୍ଛତା ମିଳିବ ବୋଲି ଆଶା କରାଯାଉଛି । କର୍ତ୍ତୃପକ୍ଷ ବିଶ୍ୱାସ କରନ୍ତି ଯେ ଏହି ଦଲିଲ୍ ମାସ ମାସ ଧରି ଚାଲିଥିବା ତଦନ୍ତର ପ୍ରମୁଖ ଦିଗଗୁଡ଼ିକ ଉପରେ ଆଲୋକପାତ କରିବ ।

# ଖୁବ୍ ଶୀଘ୍ର ଭେନେଜୁଏଲା ଉପରେ ସ୍ଥଳଭାଗରେ ହମଲା କରିବ ଆମେରିକା

**ନୂଆଦିଲ୍ଲୀ,୧୨।୧୨(ଏଜେନ୍ସି):** ଖୁବ୍ ଶୀଘ୍ର ଭେନେଜୁଏଲା ଉପରେ ସ୍ଥଳଭାଗରେ ହମଲା କରିବ ଆମେରିକା । ଏନେଇ ଘୋଷଣା କରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ । ଏଥିଲାଗି ସମସ୍ତ କ୍ଷେତ୍ର ପ୍ରସ୍ତୁତ ହୋଇଥିବା ସୂଚନା ମିଳିଛି । ଡ୍ରଗ ଟ୍ରାଫିକିଂକୁ କେନ୍ଦ୍ର କରି ଆମେରିକା ଏହି ହମଲା କରିବାକୁ ଯାଉଥିବା ଜଣାଯାଇଛି । ଆମେରିକାର ଏହି ଘୋଷଣାକୁ ସମାଲୋଚନା କରିଛନ୍ତି ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋ । ସେପଟେ ଭେନେଜୁଏଲାକୁ ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ । ସେ ମାଦୁରୋଙ୍କ ସହ ଫୋନ ଜରିଆରେ କଥା ହୋଇ ସମସ୍ତ ପ୍ରକାର ସହଯୋଗ କରିବାକୁ ଘୋଷଣା କରିଛନ୍ତି । ଭେନେଜୁଏଲା ବିରୋଧରେ ଆମେରିକାର ପୁଣି କାର୍ଯ୍ୟାନୁଷ୍ଠାନ । ରାଷ୍ଟ୍ରପତି ମାଦୁରୋଙ୍କ ୩ ପୁତୁରା ଓ ତୈଳ ପରିବହନ କରୁଥିବା ୬ଟି ଜାହାଜ ବିରୋଧରେ ଆମେରିକା ଜାରି କରିଛି କଟକଣା। ମାଦୁରୋଙ୍କ ପୁତୁରା ଫ୍ରାଙ୍କୁଇ ଫ୍ଲୋରେସ, କାର୍ଲୋସ ଫ୍ଲୋରେସ ଓ ଏଫ୍ରେନ କାମ୍ପୋଙ୍କ ବିରୋଧରେ କଟକଣା ଜାରି ହୋଇଛି । ଏହି ପଦକ୍ଷେପ ଫଳରେ ଏହି ୩ ଜଣ ଆମେରିକାରେ ରଖିଥିବା କୌଣସି ପ୍ରକାର ସମ୍ପତ୍ତିକୁ ବ୍ୟବହାର କରିପାରିବେ ନାହିଁ । ଏହା ସହ ସେମାନଙ୍କ ସହିତ କୌଣସି ଆମେରିକୀୟ ନାଗରିକ ବା କମ୍ପାନୀ କାରବାର କରିପାରିବେ ନାହିଁ । ତେଣେ ବେଆଇନ ସାମଗ୍ରୀ ପରିବହନ କାରଣ ଦର୍ଶାଇ ଭେନେଜୁଏଲାର ୬ଟି ମାଲବାହୀ ଜାହାଜକୁ ଜବତ କରିଛି ଆମେରିକା ।

# ୫ ମହାଶକ୍ତିକୁ ନେଇ ଟ୍ରମ୍ପ ତିଆରି କରିବେ 'କୋର୍ ଫାଇଭ୍'

**ନୂଆଦିଲ୍ଲୀ,୧୨।୧୨(ଏଜେନ୍ସି):** ଡୋନାଲ୍ଡ ଟ୍ରମ୍ପ ତିଆରି କରୁଛନ୍ତି C5 ଅର୍ଥାତ କୋର୍ ଫାଇଭ୍ । ବୈଶ୍ୱିକ ସ୍ତରରେ ୟୁରୋପର G7କୁ ଟକ୍କର ଦେବାକୁ ଟ୍ରମ୍ପ ଏହି C5 ତିଆରି କରୁଥିବା ଜଣାପଡ଼ିଛି । ଏହି C5 ଗ୍ରୁପରେ ଆମେରିକା ସହିତ ଅଛନ୍ତି ରୁଷ, ଚୀନ୍, ଭାରତ ଆଉ ଜାପାନ । ବିଶ୍ୱର ଏହି ଟପ୍-୫ ଦେଶକୁ ଏକାଠି କରି, ଟ୍ରମ୍ପ କିଛି ବଡ଼ ଯୋଜନା କରୁଥିବା ଜଣାପଡ଼ିଛି । ତେବେ ଏନେଇ ବିଧିବଦ୍ଧ ଭାବେ କିଛି ବି କୁହାଯାଇନଥିବାବେଳେ, ଆମେରିକାର ଏକ ରିପୋର୍ଟ ଏନେଇ ଖବର ପ୍ରକାଶ କରିଛି । ଏହି ରିପୋର୍ଟରେ କୁହାଯାଇଛି ଯେ ନୂତନ ଆମେରିକାର ଜାତୀୟ ସୁରକ୍ଷା ରଣନୀତିରେ ଆମେରିକା, ଚୀନ୍, ରୁଷ, ଭାରତ ଏବଂ ଜାପାନକୁ ନେଇ ଏକ କୋର୍ ଫାଇଭ୍ କିମ୍ବା C5 ସୃଷ୍ଟି କରିବାର ପ୍ରସ୍ତାବ ଦିଆଯାଇଛି । ଏଗୁଡ଼ିକ ହେଉଛି ୧୦୦ ନିୟୁତରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଦେଶ ।

# ଡିଜିସିଏର ବଡ କାର୍ଯ୍ୟାନୁଷ୍ଠାନ

**ନୂଆଦିଲ୍ଲୀ,୧୨।୧୨(ଏଜେନ୍ସି):** ଏକାଧିକ ବିମାନ ବାତିଲ୍ ହେବା ପରେ ବଡ଼ କାର୍ଯ୍ୟାନୁଷ୍ଠାନ ନେଲା ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) । ଇଣ୍ଡିଗୋ ଏୟାରଲାଇନ୍ସର କାର୍ଯ୍ୟକ୍ଷମ ସମସ୍ୟାର ପ୍ରାରମ୍ଭିକ ତଦନ୍ତ ପରେ DGCA ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଦୋଷୀ ସାବ୍ୟସ୍ତ ହେବା ପରେ, DGCA ଇଣ୍ଡିଗୋର ତତ୍ତ୍ୱାବଧାନ କରୁଥିବା ୪ଜଣ ଉଡ଼ାଣ ପରିଚାଳନା ନିରୀକ୍ଷକଙ୍କୁ ନିଲମ୍ବିତ କରିଛି । ଏହି ସମସ୍ତ ନିରୀକ୍ଷକ ଇଣ୍ଡିଗୋ ବିମାନର ସୁରକ୍ଷା ଏବଂ ପରିଚାଳନା ଯାଞ୍ଚ ପାଇଁ ଦାୟୀ ଥିଲେ । ଯାଞ୍ଚ ଏବଂ ତଦାରଖରେ ଅବହେଳା DGCAକୁ ଏହି କଠୋର ପଦକ୍ଷେପ ନେବାକୁ ବାଧ୍ୟ କରିଛି । ଯେଉଁ ଅଧିକାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ସେମାନେ ସମସ୍ତେ DGCA ଦ୍ୱାରା ଚୁକ୍ତିଭିତ୍ତିକ ଭାବରେ ନିଯୁକ୍ତି ପାଇଥିଲେ ଏବଂ ବିମାନ କମ୍ପାନୀଗୁଡ଼ିକ, ବିଶେଷକରି ଇଣ୍ଡିଗୋର ସୁରକ୍ଷା ଏବଂ ପରିଚାଳନା ତଦାରଖ କାର୍ଯ୍ୟ କରୁଥିଲେ । ଦିଲ୍ଲୀ ହାଇକୋର୍ଟ ପୂର୍ବରୁ କେନ୍ଦ୍ର ସରକାର ଏବଂ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟକୁ ବିମାନ ଚଳାଚଳରେ ବାଧା ଏବଂ ବିମାନବନ୍ଦରରେ ଯାତ୍ରୀମାନେ ସମ୍ମୁଖୀନ ହେଉଥିବା ଅସୁବିଧା ସମ୍ପର୍କରେ କଡ଼ା ପ୍ରଶ୍ନ ପଚାରିଥିଲେ । କୋର୍ଟ ପଚାରିଥିଲେ ଯେ, ହଠାତ ଏହି ପରିସ୍ଥିତି କାହିଁକି ସୃଷ୍ଟି ହେଲା ଏବଂ ଯାତ୍ରୀମାନଙ୍କୁ ସହାୟତା କରିବା ପାଇଁ କ'ଣ ପଦକ୍ଷେପ ନିଆଯାଇଛି ? କୋର୍ଟ ଏହା ମଧ୍ୟ ଜାଣିବାକୁ ଚାହିଁଥିଲେ ଯେ, ସରକାର ବିମାନବନ୍ଦରରେ ଫସି ରହିଥିବା ଯାତ୍ରୀମାନଙ୍କ କଷ୍ଟକୁ ଦୂର କରିବା ପାଇଁ କ'ଣ ବ୍ୟବସ୍ଥା କରିଛନ୍ତି । ଯାତ୍ରୀମାନଙ୍କୁ କ୍ଷତିପୂରଣ ଦେବା ପାଇଁ କ'ଣ ପଦକ୍ଷେପ ନିଆଯାଇଛି ?ହାଇକୋର୍ଟ ଏହା ମଧ୍ୟ କହିଥିଲେ ଯେ, ଏହି ପ୍ରସଙ୍ଗ କେବଳ ଯାତ୍ରୀଙ୍କ ଅସୁବିଧା ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ ଆର୍ଥିକ କ୍ଷତି ଏବଂ ସିଷ୍ଟମ ବିଫଳତା ସହ ମଧ୍ୟ ଜଡିତ । ଦେଶର ସବୁଠୁ ବଡ଼ ଏୟାରଲାଇନ୍ ଇଣ୍ଡିଗୋର ଉଡ଼ାଣ ଗୁରୁତର ପ୍ରଭାବିତ ହେବାରୁ ଦେଶବ୍ୟାପୀ ଯାତ୍ରୀମାନଙ୍କୁ ନାହିଁ ନଥିବା ଯନ୍ତ୍ରଣା ଭୋଗିବାକୁ ପଡ଼ିଥିଲା । ମୁମ୍ବାଇଠାରୁ ଆରମ୍ଭ କରି ଦିଲ୍ଲୀ, ବେଙ୍ଗାଲୁରୁ, ହାଇଦ୍ରାବାଦ ଆଦି ବିଭିନ୍ନ ସହରର ବିମାନବନ୍ଦରରେ ଯାତ୍ରୀମାନେ ଘଣ୍ଟା ଘଣ୍ଟା ଧରି ବିମାନକୁ ଅପେକ୍ଷା କରି ନିରାଶ ହୋଇଥିଲେ । ଡିସେମ୍ବର ୩ରେ ଇଣ୍ଡିଗୋର ୨୦୦ରୁ ଅଧିକ ବିମାନର ଉଡ଼ାଣ ବାତିଲ ହୋଇଥିଲା ।



# ଶୃଙ୍ଖଳାର ସହିତ ଚାଷୀ ଏବଂ ମିଲରଙ୍କ ସହମତି ରେ ହେଉଛି ଧାନକିଣା

**କୁଚିଣ୍ଡା,୧୨।୧୨ (ନି.ପ୍ର):** ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ ଟାଇଁସର ମଣ୍ଡିରେ କୁସୁମୀ ଲ୍ୟାମ୍ପ ଏମଡି ବେଆଇନ କାର୍ଯ୍ୟକଳାପ କରୁଥିବା ଅଭିଯୋଗ ନେଇ ତାଙ୍କ ବିରୋଧରେ କେତେଜଣ ଚାଷୀ ଗୁରୁବାର କୁଚିଣ୍ଡା ଉପଜିଲ୍ଲାପାଳଙ୍କ ଠାରେ ଲିଖିତ ଅଭିଯୋଗ କରିଥିଲେ। ପ୍ରାପ୍ତ ଖବର ଅନୁଯାୟୀ ବୁଧବାର ଦିନ ରମେଶ ଚନ୍ଦ୍ର ପଟେଲ ଏବଂ ପବିତ୍ର କିସାନ ତାଙ୍କ ଧାନ କାର୍ଡ ରେ ୧୯୨ ଓ ୧୭୦ ପକେଟ୍ ସମୁଦାୟ ୩୬୨ ପକେଟ୍ ଧାନକୁ ବିକ୍ରି କରିବାପାଇଁ ଏକ ଟ୍ରକରେ ଧାନ ଆଣିଥିଲେ। ଉଭୟଙ୍କ କହିବା ଅନୁଯାୟୀ ମିଲର ତାଙ୍କ ଧାନ ଚେକ୍ କରି ନେଇଥିବା ସହମତି ପ୍ରକାଶ କରିଥିଲେ। ଏବଂ ଏଥିରେ ଆମର କୌଣସି ପ୍ରକାର ଆପତ୍ତି ଅଭିଯୋଗ ନାହିଁ ବୋଲି ତାଙ୍କ ପ୍ରତିକ୍ରିୟାରେ କହିଥିଲେ। କୁସୁମୀ ଏମଡି ରଙ୍ଗ ବଲ୍ଲଭ ପ୍ରଧାନ ଙ୍କୁ ଉକ୍ତ ଅଭିଯୋଗ ବାବଦରେ ପଚାରିବାରେ ସେ କହିଥିଲେ ଯେ, ଉକ୍ତ ଧାନ କ୍ରୟ ଦିନ କୁଚିଣ୍ଡା ସହକାରୀ ଉପଜିଲ୍ଲାପାଳ ସାଗର ପ୍ରଧାନ, ଆରଏମସି ସଂପାଦକ ସୁଧିର ନାଏକ, ଆସିଷ୍ଟାଣ୍ଟ ଏଆରସିଏସ ମନୋଜ ମହାନ୍ତ ପ୍ରମୁଖ ଉପସ୍ଥିତ ରହି ଚାଷୀ ଏବଂ ମିଲର ଦୁହିଁଙ୍କର ସହମତି ପ୍ରକାଶ ପରେ ଧାନ ମିଲକୁ ଯାଇଥିଲା ବୋଲି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଏହା ସହିତ ଆରଏମସି ସଂପାଦକ ଏବଂ ଆସିଷ୍ଟାଣ୍ଟ ଏଆରସିଏସ ଙ୍କୁ ପଚାରିବାରୁ ତାଙ୍କ ପ୍ରତିକ୍ରିୟାରେ କହିଥିଲେ ଯେ ଉକ୍ତ ଦିନ ଟାଇଁସର ମଣ୍ଡିରେ ଧାନ କିଣା ସମୟରେ ଧାନ ବିକ୍ରୀ କରୁଥିବା ଚାଷୀଙ୍କ ଠାରୁ କୌଣସି ପ୍ରକାର ଆପତ୍ତି ଅଭିଯୋଗ ଆସିନଥିବା ଓ ଶୃଙ୍ଖଳାର ସହିତ ଧାନ କିଣା ଯାଇଥିବା କହିଥିଲେ।

# ହାଡଭଙ୍ଗା ଶୀତରେ ରାଜଧାନୀର ଖୋଲା ଆକାଶତଳେ ହଜାର ହଜାର ଶିକ୍ଷକଙ୍କ ଅହୋରାତ୍ର ଧାରଣା ଜାରୀ

**ଭୁବନେଶ୍ୱର, ୧୨/୧୨ (ନି.ପ୍ର) :** ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ତାର ୮ଟି ସାମିଲ ସଂଗଠନ ଯଥା- ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା), ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ(ଓଲ୍‌ଷ୍ଟା), ନିଖିଳ ଉତ୍କଳ ସଂସ୍କୃତ ମହାସଂଘ, ନିଖିଳ ଉତ୍କଳ ମାଦ୍ରାସା ଶିକ୍ଷକ ସଂଘ, ଅବସରପ୍ରାପ୍ତ ଶିକ୍ଷକକର୍ମଚାରୀ ସଂଘ, ୬୬୨ ଓ ୪୮୮ ବର୍ଗ କଲେଜ କର୍ମଚାରୀ ସଂଘ, ଅଣଅନୁଦାନ ପ୍ରାପ୍ତ ଶିକ୍ଷକ ସଂଘ, ନୂତନ ଅନୁଦାନ ପ୍ରାପ୍ତ ଶିକ୍ଷକ ସଂଘ ପ୍ରଭୃତି ସଂଗଠନର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମଚାରୀମାନେ ଦୁଇ ଦିନ ହେଲା ହଜାର ହଜାର ସଂଖ୍ୟାରେ ଦିନରାତି ହାଡ଼ଭଙ୍ଗା ଶୀତକୁ ଭ୍ରୂକ୍ଷେପ ନକରି ଗାନ୍ଧୀମାର୍ଗରେ ପଡ଼ିରହିଁଛନ୍ତି । ଏହିସବୁ ବିଦ୍ୟାଳୟ ଗୁଡ଼ିକରେ ଶିକ୍ଷକ ଓ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କର ସମସ୍ୟା ଏତେ ଜଟିଳ ଯେ ଜୀବନ ଓ ଜୀବନ ସେମାନଙ୍କ ନିକଟରେ ତୁଚ୍ଛ ପାଲଟି ଯାଇଛି । ଅଥଚ ସରକାରଙ୍କ ପକ୍ଷରୁ ସମାନ୍ୟତମ ସମ୍ବେଦନଶୀଳତା ପରିଲକ୍ଷିତ ହେଉ ନାହିଁ ବୋଲି ସମନ୍ୱୟ ସମିତିର ଆବାହକ ରନ କୁମାର ଦାଶ ପ୍ରେସ୍ ବିବୃତ୍ତି ମାଧ୍ୟମରେ ଜଣାଇଛନ୍ତି ।

ପ୍ରକାଶଥାଉକି, ସରକାର ବିଭିନ୍ନ ପର୍ଯ୍ୟାୟରେ ସମନ୍ୱୟ ସମିତିର ନେତୃତ୍ୱମାନଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନ ନିମନ୍ତେ କେବଳ ଆଶ୍ୱାସନା ଓ ପ୍ରତିଶ୍ରୁତି ଦେଇ ଚାଲିଛନ୍ତି ମାତ୍ର ତାହାକୁ କାର୍ଯ୍ୟକାରୀ କରାଉ ନାହାଁନ୍ତି । ଶିକ୍ଷକ ଓ ଶିକ୍ଷାକର୍ମଚାରୀ ମାନଙ୍କର ଦାବି ପୂରଣ କ୍ଷେତ୍ରରେ ପାଦଟିଏ ମଧ୍ୟ ଆଗକୁ ବଢ଼ାଇବାକୁ ସରକାର ସକ୍ଷମ ହୋଇପାରି ନାହାଁନ୍ତି । ଶିକ୍ଷକ କର୍ମଚାରୀଙ୍କର ସମସ୍ୟାକୁ ସରକାର ହୃଦୟଙ୍ଗମ କରୁଛନ୍ତି ସତ ମାତ୍ର ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁ ତାହା ପୂରଣ ହୋଇପାରୁ ନାହିଁ ବୋଲି ସମନ୍ୱୟ ସମିତି ପକ୍ଷରୁ କୁହାଯାଇଛି । ଯୋଗ୍ୟ ବିବେଚିତ ବିଦ୍ୟାଳୟ ଗୁଡ଼ିକରେ କାର୍ଯ୍ୟ କରୁଥିବା ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମଚାରୀ ମାନେ ୩୦ ବର୍ଷରୁ ଉର୍ଦ୍ଧ୍ୱ କାଳ ଧରି ମାଗଣାରେ, ଅନାହାର ଓ ଅର୍ଦ୍ଧାହାରରେ



ଶିକ୍ଷାଦାନ କରିଚାଲିଛନ୍ତି । ସେମାନଙ୍କୁ କାହିଁକି ଅନୁଦାନ ପ୍ରଦାନ କରାଯାଉ ନାହିଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସେହିପରି ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମଚାରୀଟି ୩୦ ବର୍ଷ ଚାକିରି କଲା ପରେ ଅବସର ନେବା ବେଳେ ଶୂନ୍ୟ ହସ୍ତରେ ବିଦାୟ ନେଉଛି । ତା ପାଇଁ ପେନସନ୍ ନାହିଁ, ଚାକିରି ସର୍ତ୍ତାବଳୀ ନାହିଁ । ଅବସର ପରେ ସେ ମୁଲ ଲାଗେ କିମ୍ବା ପାନଦୋକାନ କରି ଗୁଜୁରାଣ ମେଣ୍ଟାଉଥିବାର ଅନେକ ଦୃଷ୍ଟାନ୍ତ ଦେଖିବାକୁ ମିଳୁଛି । ବାର୍ଦ୍ଧକ୍ୟ ଅବସ୍ଥାରେ ଔଷଧ ଟୋପାଏ ଖାଇବାକୁ ମଧ୍ୟ ତା ପାଖରେ ଅର୍ଥ ନାହିଁ, ସିଧା ସଳଖ ସରକାର ମାନବାଧିକାରକୁ ଉଲ୍ଲଘଂନ କରୁଛନ୍ତି ।

ଶିକ୍ଷକ କର୍ମଚାରୀମାନଙ୍କର ପ୍ରମୁଖ ଦାବୀଗୁଡ଼ିକ ଅନୁଦାନଯୋଗ୍ୟ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଅନୁଦାନ ପ୍ରଦାନ କରିବା, ୨୦୦୪ ମସିହାଠାରୁ ଅଦ୍ୟାବଧି ଅବସର ନେଇଥିବା ଏବଂ ଆଗାମୀ ଦିନରେ ଅବସର ନେବାକୁ ଥିବା ଶିକ୍ଷକ କର୍ମଚାରୀମାନଙ୍କୁ ବ୍ୟବସ୍ଥା ଅନୁସାରେ ପେନସନ୍ ଓ ଅବସରକାଳୀନ ସୁବିଧା, ଉଚ୍ଚନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ପାଳନ କରି ସମସ୍ତ ଶିକ୍ଷକ ଓ କର୍ମଚାରୀମାନଙ୍କୁ ନ୍ୟାୟ ପ୍ରଦାନ କରିବା, ସମସ୍ତ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ସରକାରୀକରଣ, ନୂତନ ପେନସନ୍ ବ୍ୟବସ୍ଥାକୁ ବାତିଲ କରି ପୂର୍ବ ପ୍ରଚଳିତ ପୁରୁଣା ପେନସନ୍ ବ୍ୟବସ୍ଥା ଲାଗୁ କରିବା, ୨୦୧୩ ମସିହା ସୁଦ୍ଧା ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ୬ଟି ନୋସନାଲ୍ ଇନ୍‌କ୍ରିମେଣ୍ଟ ଦେବା ସହିତ ବରିଷ୍ଠତା ପ୍ରଦାନ କରିବା, ଗ୍ରେଡ଼ପେ ରେ ଥିବା ଅସଙ୍ଗତି ଦୂରୀକରଣ, ଅବସର ବୟସସୀମା ୬୦ ରୁ ୬୨ ବର୍ଷକୁ ବୃଦ୍ଧି କରିବା, ସମାନ କାମକୁ ସମାନ ଦରମା ପ୍ରଦାନ କରିବା ଏବଂ ରାଜ୍ୟର ସମସ୍ତ ବେସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କ ପାଇଁ ସରକାରୀ ବିଦ୍ୟାଳୟରେ ପ୍ରଚଳିତ ସମାନ ସୁବିଧା ସୁଯୋଗ ଯଥା- ଶିକ୍ଷାଉପକରଣ, ପୋଷାକ ଓ ସାଇକେଲ ଯୋଗାଇ ଦେବା ଇତ୍ୟାଦି । ବର୍ତ୍ତମାନର ଲୋକଙ୍କର ସରକାର ଏହି ଦାବିଗୁଡ଼ିକର ଗମ୍ଭୀରତାକୁ ହୃଦୟଙ୍ଗମ କରି ଅନୁଦାନରୁ ବାଦ୍ ପଡ଼ିଥିବା ସ୍ୱଳ୍ପ ସଂଖ୍ୟକ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଅନୁଦାନ ପ୍ରଦାନ ସହିତ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟରୁ ଅବସର ନେଇଥିବା ଓ ଅବସର ନେବାକୁ ଯାଉଥିବା ଶିକ୍ଷକ ଓ କର୍ମଚାରୀମାନଙ୍କ ପାଇଁ ଚାକିରି ସର୍ତ୍ତାବଳୀ ସହିତ ପେନସନ୍ ପ୍ରଦାନ କରିବା ପାଇଁ ସମନ୍ୱୟ ସମିତିର ଆବାହକ ରନ କୁମାର ଦାଶ ସରକାରଙ୍କ ପାଖରେ ଦାବି ଉପସ୍ଥାପନ କରିଛନ୍ତି । ଅହୋରାତ୍ର ଧାରଣାର ଦ୍ୱିତୀୟ ଦିବସରେ ଆନ୍ଦୋଳନ ସ୍ଥଳରେ ବିଶ୍ୱ ଶିକ୍ଷକ ସଂଗଠନର ସଭାପତି, ଡ. ଅମୀୟ ମହାନ୍ତି, ସିପିଏମ୍ ର ସେକ୍ରେଟାରିଏଟ୍ ମେମ୍ବର ସନ୍ତୋଷ ଦାସ, ସିପିଆଇର ସାଧାରଣ ସମ୍ପାଦକ ପ୍ରଶାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ରହି ପ୍ରତିବାଦ ସଭାରେ ଉଦ୍‌ବୋଧନ ଦେବା ସହିତ ଏହି ଆନ୍ଦୋଳନ ପ୍ରତି ତାଙ୍କର ଦଳ ଓ ସଂଗଠନର ସମର୍ଥନ ଜଣାଇଛନ୍ତି।

# ଜିଲ୍ଲା ସ୍ତରୀୟ ଇକୋ କ୍ଲବ୍ ପ୍ରକଳ୍ପ ପ୍ରଦର୍ଶନୀ

**ପୁରୀ, ୧୨।୧୨ (ନି.ପ୍ର):** ପୁରୀ ସଦର ବ୍ଲକ୍ ର ରାମହରି ନୋଡାଲ ବିଦ୍ୟାପୀଠ,ଶାସନ ଦାମୋଦରପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ଜିଲ୍ଲାର ପ୍ରତି ବ୍ଲକ୍ ରୁ ୫ ଟି ଲେଖାଏଁ ବଛା ବଛା ପ୍ରକଳ୍ପକୁ ନେଇ ମୋଟ୍ ୫୫ ଗୋଟି ପ୍ରକଳ୍ପ ଅଂଶ ଗ୍ରହଣ କରିଥିଲେ। ଏହାର ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶରତ ଚନ୍ଦ୍ର ମହାପାତ୍ର, ପୁରୀ ଯୋଗଦାନ କରିଥିଲେ ଓ ପିଲାମାନେ ଛାତ୍ରାବସ୍ଥାରୁ ବିଭିନ୍ନ ପ୍ରକଳ୍ପ ନିର୍ମାଣ କଲେ




ଭବିଷ୍ୟତରେ ସେମାନଙ୍କ ମନରେ ବୈଜ୍ଞାନିକ ମନୋଭାବ ସୃଷ୍ଟି ହେବା ସହ ସେମାନେ ନିଜ ନିଜ ପ୍ରତିଭା ବଳରେ ନୂଆ ନୂଆ ସୃଷ୍ଟି କରି ଦେଶ ଓ ଜାତିକୁ ଗୈୟରବାନ୍ୱିତ କରିପାରିବେ ବୋଲି ମତପୋଷଣ କରିଥିଲେ। ସମ୍ମାନିତ ଅତିଥି ରୂପେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗର ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଯୋଗଦାନ କରି ନିଜର ଓଜସ୍ୱୀ ବକ୍ତବ୍ୟ ଦ୍ୱାରା କୁନି ବୈଜ୍ଞାନିକ ମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ରାଜ୍ୟ ସେଣ୍ଟର୍ ଫର୍ ଏନ୍ ଭର୍ଣମେଣ୍ଟ ଷ୍ଟଡି ର ପ୍ରୋଗ୍ରାମ ଅଫିସର ପ୍ରଭାତ ମୋହନ ଦାଶ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଦ୍ୱିତୀକାନ୍ତ ପ୍ରଧାନ ଓ ଭବମ୍ ପ୍ରଧାନ, ଉଦ୍ୟୋଗପତି ଦିବ୍ୟ ପ୍ରକାଶ ପଟ୍ଟନାୟକ, ଅଭିରାମ ନୋଡାଲ ବିଦ୍ୟାପୀଠ, କରମଳାର ପ୍ରଧାନ ଶିକ୍ଷକ ସୁଶୀଲ କୁମାର ମହାପାତ୍ର , ଇକୋ କ୍ଲବ୍ ଜିଲ୍ଲା ସଂଯୋଜକ ସନ୍ତୋଷ କୁମାର ଚୈୟଧୁରୀ ଅଂଶଗ୍ରହଣ କରି ଛାତ୍ରଛାତ୍ରୀ ମାନଙ୍କୁ ଭବିଷ୍ୟତ ପାଇଁ ପ୍ରେରଣା ଦେଇଥିଲେ।

# ଆଦାନୀ ଦକ୍ଷତା ବିକାଶ କେନ୍ଦ୍ର ପକ୍ଷରୁ ନୂତନ ୱେଲଡିଂ ତାଲିମ ବ୍ୟାଚ୍ ଆରମ୍ଭ

**ଧାମରା, ୧୨।୧୨ (ନି.ପ୍ର) :** ଶିଳ୍ପ ଭିତ୍ତିକ ଦକ୍ଷତା ବିକାଶ ମାଧ୍ୟମରେ ସ୍ଥାନୀୟ ଯୁବପିଢ଼ୀଙ୍କୁ ସଶକ୍ତ କରିବା ଦିଗରେ ଆଦାନୀ ଦକ୍ଷତା ବିକାଶ କେନ୍ଦ୍ର ପକ୍ଷରୁ ଏହାର କୁଆମରାସ୍ଥିତ କେନ୍ଦ୍ରଠାରେ ୱେଲ୍ଡିଂ ତାଲିମର ନୂତନ ବ୍ୟାଚ୍ ଶୁଭାରମ୍ଭ କରାଯାଇଛି । ଚଳିତ ଥର ଏହି ତାଲିମ ବ୍ୟାଚ୍‌ରେ ୨୨ ଜଣ ପ୍ରଶିକ୍ଷାର୍ଥୀ ନାମ ଲେଖାଇଛନ୍ତି । ବର୍ତ୍ତମାନର ଶିଳ୍ପ ମାନଦଣ୍ଡ ଏବଂ ଚାହିଦା ସହ ସମନ୍ୱୟ ରଖି ଡିଜାଇନ କରାଯାଇଥିବା ବହୁବିଧ ୱେଲଡିଂ କୌଶଳରେ ୭୫ ଦିନିଆ ତାଲିମ ଦିଆଯିବ । ଏହି ତାଲିମ ବ୍ୟାଚ୍‌କୁ ଧାମରା ପୋର୍ଟ ସିଇଓ ଶ୍ରୀ ଦେବେନ୍ଦ୍ର ଠକର ଅନ୍ୟ ବିଭାଗୀୟ ମୁଖ୍ୟଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ବ୍ୟାଚ୍‌କୁ ସମ୍ବୋଧିତ କରି ଶ୍ରୀ ଠକର ପ୍ରଶିକ୍ଷାର୍ଥୀମାନଙ୍କୁ ଏହି ସୁଯୋଗର ପୂର୍ଣ୍ଣ ସଦୁପଯୋଗ କରିବାକୁ ଉତ୍ସାହିତ କରିବା ସହ ଧାମରା ଅଞ୍ଚଳରେ ଗଢି ଉଠୁଥିବା ଶିଳ୍ପ ଅଭିବୃଦ୍ଧି ଏବଂ ନିଯୁକ୍ତି ସମ୍ଭାବନା ଉପରେ ଆଲୋକପାତ କରିଥିଲେ । ଏହି ଅଞ୍ଚଳର ବିସ୍ତାରିତ ଶିଳ୍ପ ଇକୋସିଷ୍ଟମରେ ୱେଲଡିଂ ଭଳି କୌଶଳମୂଳକ ଯାନ୍ତ୍ରିକ ଭିତ୍ତିଭୂମିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସିଇଓ ଶ୍ରୀ ଠକର ମତ ପ୍ରକାଶ କରିଥିଲେ ।



# ପ୍ରଚଣ୍ଡ ଶୀତରେ ଜନଜୀବନ ଅସ୍ତବ୍ୟସ୍ତ



**ବୁଗୁଡ଼ା, ୧୨।୧୨ (ନି.ପ୍ର):** ଏବେ ପାଞ୍ଚ ଦିନ ହେଲା ବୁଗୁଡ଼ା ଅଞ୍ଚଳରେ ଶୀତର ପ୍ରକୋପ ଅନୁଭୂତ ହେଉଛି । ଏହି ଅଞ୍ଚଳର ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ ପ୍ରବଳ ଜାଡ ଅନୁଭୂତ ହେଉଥିବା ବେଳେ ସହରାଞ୍ଚଳରେ ମଧ୍ୟ ଶୀତର ପ୍ରଭାବ ପଡୁଛି। ତାପମାତ୍ରା ୧୧ ରୁ ୧୩ ଡିଗ୍ରୀ ମଧ୍ୟରେ ରହିବା ସାଙ୍ଗକୁ କୋହଲା ପବନ ସାଧାରଣ ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ଶୀତୁଆ ସକାଳରେ କୌଣସି କାମରେ ଘରୁ ପଦାକୁ ବାହାରିବାକୁ କଷ୍ଟ ଲାଗୁଥିବା ବେଳେ ରାତିରେ ଶୀଘ୍ର ବଜାର ଘାଟ ଖାଲି ହୋଇ ଯାଉଛି। ଶୀତର ପ୍ରକୋପରେ ଆବାଳବୃଦ୍ଧବନିତା ପ୍ରଭାବିତ ହେଉଛନ୍ତି । ବିନା ଶୀତ ବସ୍ତ୍ରରେ ପଦାକୁ ବାହାରିବା ମୁସ୍କିଲ ହୋଇପଡୁଥିବା ବେଳେ ଶୀତରୁ ରକ୍ଷା ପାଇବା ପାଇଁ ଲୋକେ ଠାଏଁ ଠାଏଁ ନିଆଁର ଆଶ୍ରୟ ନେଉଥିବା ଦେଖିବାକୁ ମିଳୁଛି।

# ପୃଥ୍ୱୀରାଜ ହାଇସ୍କୁଲ ୧୯୭୭ ସାମାଜିକ ସାସ୍କୃତିକ ସଂଘ ପକ୍ଷରୁ ଆୟୁଷ ଛାତ୍ର ଛାତ୍ରୀଙ୍କ ଦାବି ପ୍ରତି ସମର୍ଥନ

**ବଲାଙ୍ଗିର,୧୨।୧୨ (ନି.ପ୍ର):** ବଲାଙ୍ଗିର ସରକାରୀ ଆୟୁର୍ବେଦ କଲେଜ ସମ୍ମୁଖରେ ନିଖିଳ ଓଡିଶା ଆୟୁଷ ଛାତ୍ର ସଂଗଠନ ପକ୍ଷରୁ ୮ ଦଫା ଦାବି ନେଇ ଆମରଣ ଅନଶନରେ ଆନ୍ଦୋଳନରତ ଛାତ୍ର ଛାତ୍ରୀଙ୍କୁ ପୃଥ୍ୱୀରାଜ ହାଇସ୍କୁଲ ୧୯୭୭ ସାମାଜିକ ସାଂସ୍କୃତିକ ସଂଘ ପକ୍ଷରୁ ସଭାପତି ରତନ କୁମାର ମହାରଣାଙ୍କ ନେତୃତ୍ୱରେ ଉପ-ସଭାପତି ରାଜ କିଶୋର ଦାଶ, ସଂପାଦକ ଡ. ସୁକାନ୍ତ ପୁରୋହିତ, ସହ-ସଂପାଦକ ପ୍ରଦୀପ କୁମାର ମିଶ୍ର, କୋଷାଧ୍ୟକ୍ଷ ବ୍ରଜବନ୍ଧୁ ସାଏ, ପରିଚାଳନା କମିଟି ସଭ୍ୟ ମୋହନ ଗୋପାଳ ପଣ୍ଡା, ସଲିମ ଖାନ, ନରେନ୍ଦ୍ର ଆଚାର୍ଯ୍ୟ, ସତ୍ୟନାରାୟଣ ପଣ୍ଡା, ଡା. ସିଦ୍ଧେଶ୍ୱର ମିଶ୍ର, ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ଅମରଦୀପ ପାଣିଗ୍ରାହୀ ଓ ଭଗବାନ ବରର୍ତ୍ତି ସାକ୍ଷାତ କରି ଦାବି ପ୍ରତି ଦୃଢ ସମର୍ଥନ ଜଣାଇଛନ୍ତି । ଓପିଏସ୍‌ସି ମାଧ୍ୟମରେ ନୁଆଁ ସ୍ଥାୟୀ ଆୟୁଷ ମେଡିକାଲ ଅଫିସର ପଦବୀ ସୃଷ୍ଟି କରିବା, ଉଚ୍ଚ ଶିକ୍ଷା ସୁବିଧା ପାଇଁ ପିଜି ଓ ପିଏଚ୍‌ଡି ସିଟ ବଢାଇବା ଓ ହାଉସ ସର୍ଜନ ପାଇଁ ଷ୍ଟାଇପେଣ୍ଡ ବୃଦ୍ଧି ଦାବି ଯଥାର୍ଥ ବୋଲି ସଂଘ ଗୁରୁତ୍ୱାରୋପ କରିଛି । ଓଡିଶା ମୁଖ୍ୟମନ୍ତ୍ରୀଙ୍କୁ ୮ ଦଫା ଦାବି ଯଥାଶିଘ୍ର ପୁରଣ କରିବାକୁ



ଜିଲ୍ଲାପାଳଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସେହିପରି ପୋଡି ଯାଇଥିବା ଫଳ ଦୋକାନ ପୁନଃରୁର୍ଦ୍ଧାର ଓ ଦୋକାନିମାନଙ୍କ ଆବଶ୍ୟକୀୟ କ୍ଷତିପୁରଣ ଓ ଥଇଥାନ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପବିତ୍ର ବେହେରା ଙ୍କ ସହ ଆଲୋଚନା କରିଥିଲେ ।

## କୁଚବେହାର ଟ୍ରଫି କ୍ରିକେଟ ୪ର୍ଥ ଦିବସ

# କର୍ଣ୍ଣାଟକ ବିଜୟୀ, ଓଡିଶାର ଇଂନିସ ପରାଜୟ



**ବଲାଙ୍ଗିର,୧୨।୧୨ (ନି.ପ୍ର):** ଓଡିଶା କ୍ରିକେଟ ଏସୋସିଏସନ ଓ ବଲାଙ୍ଗିର ଜିଲ୍ଲା କ୍ରୀଡା ସଂସଦ ଆନୁକୁଲ୍ୟରେ ଆଜି ସ୍ଥାନୀୟ ଗାନ୍ଧୀ ଷ୍ଟଡିୟମ ଠାରେ ଓଡିଶା ବନାମ କର୍ଣ୍ଣାଟକ ୪ ଦିବସୀୟ କୁଚ ବେହାର ଟ୍ରଫି ଚତୁର୍ଥ ତଥା ଅନ୍ତିମ ଦିବସ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ତୃତୀୟ ଦିବସର ଖେଳ ରୁ ସଂଗୃହିତ ୭ ୱିକେଟ ବିନିମୟରେ ୨୧୧ ରନ୍ ରୁ ଆଜିର ଖେଳ ଆରମ୍ଭ କରି ଓଡିଶା ଆଜି ସମୁଦାୟ ୨୪୬ ରନ୍ ରେ ଅଲ ଆଉଟ ହୋଇଯାଇଥିଲେ । ଓଡିଶା ଦଳ ତରଫରୁ ସ୍ୱାଗତ ସୌରଭ ମିଶ୍ର ସର୍ବାଧିକ ୫୦ ରନ୍ ଓ ସମ୍ବିଦ ବେଜ ୪୪ ରନ୍ ସଂଗ୍ରହ କରିଥିଲେ । କର୍ଣ୍ଣାଟକ ଦଳ ପକ୍ଷରୁ ସଫଳ ବୋଲର ଭାବରେ ରତନ ବି.ଆର. ସର୍ବାଧିକ ୬ଟି ୱିକେଟ ଏବଂ ଅକସଦ ପ୍ରଭାକର ୨ ଗୋଟି ୱିକେଟ ଅକ୍ତିଆର କରିଥିଲେ । ଫଳତଃ ୪ ଦିନ ବ୍ୟାପି ଚାଲିଥିବା ଏହି ଟ୍ରଫି କ୍ରିକେଟ ମ୍ୟାଚ କୁ କର୍ଣ୍ଣାଟକ ଦଳ ଏକ ଇନିଂସ ଏବଂ ୫୩ ରନ୍ ରେ ବିଜୟଲାଭ କରିଛି ।

ସଂସଦର କାର୍ଯ୍ୟକାରୀ ସଭାପତି ଶ୍ରୀକର ମିଶ୍ର, ସାଧାରଣ ସଂପାଦକ ହରିନାରାୟଣ ପୁଜାରୀ, ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ପ୍ରହଲ୍ଲାଦ ଶତପଥି, ଯୁଗ୍ମ ସଂପାଦକ ପଦ୍ମ ଚରଣ ଆଚାର୍ଯ୍ୟ, ଶତ୍ରୁଘନ ସିଂହ, କୋଷାଧ୍ୟକ୍ଷ ହେମନ୍ତ ବେହେରା, କ୍ରୀଡା ସଂପାଦକ ବିଭୁତି ପଣ୍ଡା, ବରିଷ୍ଠ ସଭ୍ୟ ରମାକାନ୍ତ ସେଠ, ସୁଧିର ଚନ୍ଦ୍ର ପଣ୍ଡା, ରବୀନ୍ଦ୍ର କୁମାର ମିଶ୍ର, ଗୌର ଚନ୍ଦ୍ର ପ୍ରଧାନ, ଓଡିଶା ଟିମ୍ ମ୍ୟାନେଜର ପୃଥ୍ୱୀରାଜ ମିଶ୍ର, ଅରୁଣ କୁମାର ନାୟକ, ସ୍ୱାଗତ ଶୁଭଙ୍କର ତ୍ରିପାଠି, ମୁନସି ସୋରେନ, ଅମିତ ମଛଖଣ୍ଡ, ହୃଦୟ ଶବର, ସୁମନ୍ତ ଦାସ, ଜିତୁ କୁମାର ଦଲାଇ, ନରସିଂ ସ୍ୱାମୀ ନାଇଡୁ, ସୁଦୟ ବାରିକ, ସୁଧାଂଶୁ ସେଠ, ଦଶରଥ କୁମ୍ଭାର ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ ।

# ପଠାଣି ସାମନ୍ତଙ୍କ ୧୯୧ ତମ ଜୟନ୍ତୀ ପାଳିତ

**ଖଣ୍ଡପଡ଼ା, ୧୨।୧୨ (ନିପ୍ର):** ଖଣ୍ଡପଡ଼ା ଏନଏସି ଅଧୀନ ବଜାରସାହି ଠାରେ ଥିବା ସାମନ୍ତ ଚନ୍ଦ୍ରଶେଖର ସ୍ମୃତି ମନ୍ଦିର ପରିସରରେ ୧୯୧ ତମ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପଠାଣି ସାମନ୍ତ ସ୍ମୃତି ମନ୍ଦିର ସଭାପତି ଆର୍ତ୍ତତ୍ରାଣ ମିଶ୍ରଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଡ଼. ନାରାୟଣ ପଣ୍ଡା, ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ତଥା ସାହିତ୍ୟ ଏକାଡେମୀ ଅତିରିକ୍ତ ସଚିବ ସଞ୍ଜୟ କୁମାର ଛୁଆଲସିଂ, ସୁରେନ୍ଦ୍ର ଶ୍ରୀଚନ୍ଦନ ଏବଂ ଖଣ୍ଡପଡ଼ାର ପୂର୍ବତନ ନଗରପାଳ କିଶୋର ଚନ୍ଦ୍ର ଦାଶ ପ୍ରମୁଖ ମଞ୍ଚାସିନ ରହିବା ସହିତ ମହାନ ଜ୍ୟୋର୍ତିବିଦ ପଠାଣି ସାମନ୍ତଙ୍କ ସ୍ମୃତିଚାରଣ କରିଥିଲେ। ପଠାଣି ସାମନ୍ତ ସ୍ମୃତି ମନ୍ଦିରର ସମ୍ପାଦକ ବିନାୟକ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏ ଅବସରରେ ବିଭିନ୍ନ ସ୍ତରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବା ସହ ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ ରାଜ୍ୟ ସରକାରଙ୍କ ସରକାରୀ ଇସ୍ତାହାର ଅନୁଯାୟୀ ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର (ପଠାଣି ସାମନ୍ତ) ପୌଷ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଜନ୍ମ ଗ୍ରହଣ କରିଥିଲେ। ଏହି କାରଣରୁ ତିଥି ଅନୁଯାୟୀ ସରକାରୀ ସ୍ତରରେ ପଠାଣି ସାମନ୍ତଙ୍କ ଜନ୍ମ ଜୟନ୍ତୀ ପାଳନ



କରାଯାଉଅଛି। ତେବେ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀକୁ ସାମନ୍ତଙ୍କ ସ୍ମୃତି ଉଦ୍ଦେଶ୍ୟରେ ସାମନ୍ତ ନଗର ଭାବେ ନାମିତ କରିବାକୁ ପୂର୍ବତନ ନଗରପାଳ ଶ୍ରୀ ଦାଶ ଦାବି କରିଥିଲେ। ଏଥିସହିତ ମହାନ ଜ୍ୟୋର୍ତିବିଦଙ୍କୁ ଭାରତ ରତ୍ନ ପ୍ରଦାନ ନିମନ୍ତେ ସ୍ଥାନୀୟ ବିଧାୟକ ସରକାରଙ୍କ ନିକଟରେ ଦାବି ରଖନ୍ତୁ ବୋଲି ସର୍ବସମ୍ମତିକ୍ରମେ ମତପ୍ରକାଶ ପାଇଥିଲା।

# ବିଶ୍ୱ ମାନବିକ ଅଧିକାର ଦିସବ ପାଳିତ



**ଭଦ୍ରକ, ୧୨।୧୨ (ନି.ପ୍ର):** ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ପ୍ରଦତ୍ତ କାର୍ଯ୍ୟକ୍ରମ ଅନୁସାରେ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ପକ୍ଷରୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଓଲଙ୍ଗ, ଭଦ୍ରକଠାରେ ବିଶ୍ୱ ମାନବାଧିକାର ଦିବସ ପାଳିତ ହୋଇଯାଇଅଛି। ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ରଥମେ ଏକ ଶୋଭାଯାତ୍ରା ବାହାରି ସଚେତନତା ନିମିତ୍ତ ଛାତ୍ରଛାତ୍ରୀ ମାନେ ସୂଚନା ଫଳକଧରି ସ୍ଲୋଗାନ ଦେଇ ଆଗେଇ ନେଇଥିଲେ। ତତ୍‌ପରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ପ୍ରବନ୍ଧ ପ୍ରତିଯୋଗିତାରେ ଭାଗନେଇ ଅତିଥିମାନଙ୍କ ଠାରୁ ପୁରସ୍କୃତ ହୋଇଥିଲେ। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ, ଶ୍ରୀ ପୁଣ୍ୟଶ୍ଳୋକ ରଥ ନିଜ ବକ୍ତବ୍ୟ ମାଧ୍ୟମରେ ପିଲାମାନଙ୍କୁ ଭବିଷ୍ୟତରେ ଜଣେ ଜଣେ ଉତ୍ତମ ତଥା ସଚେତନଶୀଳ ନାଗରିକ ହେବା ପାଇଁ କହିଥିଲେ। ଅତିରିକ୍ତ ଆରକ୍ଷୀ ଅଧିକାରୀ, ଭଦ୍ରକ, ଶ୍ରୀ ସମ୍ପିତ ମାଝି ନିଜ ବକ୍ତବ୍ୟ ମାଧ୍ୟମରେ ପିଲାମାନଙ୍କୁ ଏହି ଦିବସର ତାତ୍ପର୍ଯ୍ୟ ବୁଝାଇବା ସହ ଏହି ବୟସରେ ସମୟର ସତ୍ ଉପଯୋଗ କରିବା ପାଇଁ ପିଲାମାନଙ୍କୁ ବୁଝାଇଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ଟୁନଟୁନ ସାହା, ଯୋଗଦେଇଥିଲେ। ଶିକ୍ଷୟିତ୍ରି କାଦମ୍ବିନୀ କର ଶର୍ମା ଏହି କାର୍ଯ୍ୟକ୍ରମଟିର, ପ୍ରାରମ୍ଭିକ ଉଦ୍‌ବୋଧନ ମାଧ୍ୟମରେ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଲ.ଏ.ଡିସ. ଏସ. ସହାୟକ ତଥା ନ୍ୟାୟ ରକ୍ଷକ ବହ୍ନିଶିଖା ବିଶ୍ୱାଳ ଉପସ୍ଥିତ ଛାତ୍ର ଛାତ୍ରୀ ମାନଙ୍କୁ ଆଜିର ଏହି ବିଶ୍ୱ ମାନବିକ ଅଧିକାର ଦିବସ ସଂପର୍କରେ ସମ୍ୟକ ଆଲୋଚନା କରି ପିଲାମାନଙ୍କୁ କହିଥିଲେ ଯେ ସମସ୍ତେ ଉତ୍ତମ ଶିକ୍ଷା ପାଇଁ ନିଜକୁ ଭଲ ରୂପେ ଗଢ଼ି ତୋଳିବା ଆବଶ୍ୟକ। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର କର୍ମୀ ଗଣ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କାର୍ଯ୍ୟକ୍ରମଟିକୁ ସଫଳ ରୂପେ ଆଗେଇ ନେଇଥିଲେ।

# ଲୋଚପଡ଼ାରେ ଶ୍ରୀଶ୍ରୀ ସାବରୀ ଗିରିସା ସେବା ସଂଗମ ପକ୍ଷରୁ ଆୟାପା ସ୍ୱାମୀ ପୂଜା

**କୁକୁଡାଖଣ୍ଡି,୧୨।୧୨ (ନି.ପ୍ର) :** ଶ୍ରୀସାବରୀ ଗିରିସା ସେବା ସଂଗମ ପକ୍ଷରୁ କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଲୋଚପଡ଼ାସ୍ଥିତ ପରମାନନ୍ଦ ରାଇସ ମିଲ ପରିସରରେ ଆୟୋଜିତ ହୋଇଯାଇଛି ଆୟାପା ସ୍ୱାମୀ ପୂଜା। ଗୁରୁସ୍ୱାମୀ କେ.ସମେଶ୍ୱର ରାଓ ଓ ଗୁରୁସ୍ୱାମୀ ରାମୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବହୁ



ଭକ୍ତ ନୂତନ ମାଳା ଧାରଣା କରିଥିବା ଭକ୍ତ ସ୍ୱାମୀ ଆୟାପାଙ୍କୁ ଆବାହନ କରିଥିଲେ। ଏହି ଅବସରରେ ସ୍ୱାମୀ ଆୟାପାଙ୍କୁ ଆହ୍ୱାନ କରାଯାଇ ଆଳତୀ ନୈବେଦ୍ୟ କରିବ ସହିତ କୁକୁମ ପୂଜା, ପାହାଚଆଳତୀ, ଆୟାପା ସ୍ୱାମୀଙ୍କ ଭଜନ,କୀର୍ତନ କରିବା ସହ ଆୟାପା ସ୍ୱାମୀଙ୍କ ଆଶୀର୍ବାଦ ଭିକ୍ଷା କରିବା ସହିତ ପରିବାର ଓ ଜଗତର ମଙ୍ଗଳ କାମନା କରିଥିଲେ। ଏହି ପୂଜାରେ ଆଖପାଖ ଅଂଚଳର ବହୁ ଶ୍ରଦ୍ଧାଳୁ ଯୋଗଦାନ କରି ଶ୍ରୀ ଆୟାପା ସ୍ୱାମୀଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ। ଦେବରାଜ ପାତ୍ର, ଇଂ. ନରସିଂହ ପାତ୍ର, ଜୟଦେବ ପାତ୍ରଙ୍କ ସମେତ ପରିବାରବର୍ଗ ପରିଚାଳନାରେ ସହଯୋଗ କରିଥିଲେ।

# ରେଢୁଆ ବାରତିରାକୁ ରାଜସ୍ୱ ଗ୍ରାମ ଦାବୀ

## ଦୁଇ ଗ୍ରାମର ସୀମାକୁ ନେଇ ବିବାଦ ଘନଉଛି

**ଜଗତସିଂହପୁର, ୧୨।୧୨ (ନି.ପ୍ର):** ରଘୁନାଥପୁର ତହସିଲ ଅନ୍ତର୍ଗତ ରେଢୁଆ। ପଞ୍ଚାୟତ ବାରତିରା ପଡା ଗ୍ରାମକୁ ରାଜସ୍ ଗ୍ରାମରେ ପରିଣତ କରିବା ଦାବି ଘଟଣାରେ ସୀମା ସରହଦକୁ ନେଇ ନିକଟସ୍ଥ ମଜୁରାଇ ପଡା ଗ୍ରାମବାସୀଙ୍କ ସହ ବିବାଦ ଘନେଇଛି। ଫଳରେ ସୀମାକୁ ନେଇ ଉଭୟ ଗ୍ରାମବାସୀଙ୍କ ମଧ୍ୟରେ ସମାଧାନ ପ୍ରକ୍ରିୟା ଫସର ଫାଟିଛି। ବାରତିରାକୁ ରାଜସ୍ ଗ୍ରାମ କରିବା ପାଇଁ ଗତ ୨୦୨୨ ମସିହାରୁ ଗ୍ରାମବାସୀ ମାନେ ତହସିଲଦାର ଓ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ତହସିଲଦାର ରାଜଲକ୍ଷ୍ମୀ ନାୟକ ସଂପୃକ୍ତ ଗ୍ରାମକୁ ଜାଇ ସରଜମିନି ତଦାରଖ କରିବା ସହ ସ୍ଥାନୀୟ ଗ୍ରାମବାସୀଙ୍କ ସହିତ ଆଲୋଚନା କରି ଅସ୍ଥାୟୀ ଭାବେ ଏକ ନକ୍ସା ପ୍ରସ୍ତୁତ କରିଥିଲେ। ଏହାକୁ ମଜୁରାଇ ଗ୍ରାମବାସୀ ବିରୋଧ କରିବା ସହ ଏହାକୁ ପରିବର୍ତ୍ତନ କରିବା ପାଇଁ ଦାବୀ କରି ଲିଖିତ ଭାବେ ଜଣାଇଥିଲେ। ଗୁରୁବାର ତହସିଲଦାର ଉଭୟ ଗ୍ରାମର କିଛି ଲୋକଙ୍କୁ ଡାକି ସେମାନଙ୍କୁ ପକ୍ଷ ରଖିବା ପାଇଁ କହିଥିଲେ। ରେଢୁଆ। ସରପଞ୍ଚ କିଶୋର ଚନ୍ଦ୍ର ବେହେରାଙ୍କ ଉପସ୍ଥିତିରେ ରବୀନ୍ଦ୍ର ବେହେରା, ଅଲେଖ ବାରିକ, ସରୋଜ ନାୟକ, ବଳରାମ ନାୟକ, କୃତିବାସ ସ୍ୱାଇଁ ଓ ମହିଳାଙ୍କ ପକ୍ଷରୁ ପ୍ରଭାବତୀ ସ୍ୱାଇଁ ସେମାନଙ୍କର ମତ ରଖିଥିଲେ। ସୀମା ସରହଦ ଚିହ୍ନଟକୁ ନେଇ ପରସ୍ପର ମଧ୍ୟରେ ମତାନ୍ତର ସୃଷ୍ଟି ହୋଇ ବଚସା ଯାଏଁ କଥା ଯାଇଥିଲା।

ଯାହାଫଳରେ କୌଣସି ନୀର୍ଯ୍ୟାସ ବାହାରି ପାରିନଥିଲା। ମଜୁରାଇ ଗ୍ରାମର ସତ୍ୟଭାମା ମହାନ୍ତି,ସାବିତ୍ରୀ ସ୍ୱାଇଁ, ସରୋଜିନୀ ଲେଙ୍କା, ସନ୍ତୋଷ ପ୍ରଧାନ, ଦିପ୍ତିରଞ୍ଜନ ଦାସ, କୃତିବାସ ଜେନାଙ୍କ ସହ ଅନ୍ୟମାନେ ତହସିଲ ସମ୍ମୁଖରେ ବସିରହି ପ୍ରତିବାଦ କରିଥିଲେ। ଶେଷରେ ତହସିଲଦାର ନାୟକ ଉଭୟଙ୍କୁ ବୁଝାସୁଝା କରି ସେଠାରୁ ବିଦା କରିଥିଲେ। ତେବେ ଉଭୟ ଗ୍ରାମର ମୁରବୀ ବ୍ୟକ୍ତିମାନେ ସେମାନଙ୍କ ପକ୍ଷ ରଖିଥିବା ଓ ଏ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବ ବୋଲି ତହସିଲଦାର ନାୟକ ପ୍ରକାଶ କରିଛନ୍ତି।



